## ସଂକ୍ଷେପରେ

### ଭାଜପାରୁ ହିମାଂଶୁ ବହିଷ୍କୃତ

ଭୁବନେଶ୍ୱର, ୨୯।୫(ସୁନିତ୍ ମିଶ୍ର): ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଥିବା ହିମାଂଶୁ ଶେଖର ସାହୁଙ୍କୁ ଭାଜପା ଦଳରୁ ବୁଧବାର ବହିଷ୍କାର କରିଛି। ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ହିମାଂଶୁଙ୍କୁ ଦଳରୁ ବହିଷ୍କାର କରାଯାଇଥିବା ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରିକରି ସୂଚନା ଦିଆଯାଇଛି। ହିମାଂଶୁ ଧର୍ମଶାଳା ଆସନରୁ ଟିକେଟ ଆଶାୟୀ ଥିଲେ। ହେଲେ ଶେଷ ମୁହୂର୍ତ୍ତରେ ତାଙ୍କ ଟିକେଟ କାଟି ଦଳ ସ୍ମୃତିରେଖା ପହିଙ୍କୁ ଟିକେଟ ଦେଇଥିଲା। ଏହାକୁ ନେଇ ହିମାଂଶୁଙ୍କ ସମର୍ଥକମାନେ ଦୀର୍ଘଦିନ ଧରି ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ପ୍ରତିବାଦ କରିବା ସହ ନିର୍ବାଚନମଣ୍ଡଳୀରେ ମଧ୍ୟ ପ୍ରାର୍ଥୀ ପରିବର୍ତ୍ତନ ଦାବି କରିଥିଲେ। ହେଲେ ଦଳ ଏନେଇ କିଛି ନିଷ୍ପତ୍ତି ପରିବର୍ତ୍ତନ ନ କରିବାରୁ ହିମାଂଶୁ ଧର୍ମଶାଳା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ଠାକୁରମୁଣ୍ଡା,୨୯।୫(ତାରାକାନ୍ତ ପଟ୍ଟନାୟକ)

କରଞ୍ଜିଆ–ଠାକୁରମୁଣ୍ଡା ରାସ୍ତାର ପାଟବିଲ ନିକଟରେ ବୁଧବାର ଅପରାହ୍ନରେ ଏକ ଥଣ୍ଡା ପାନୀୟ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କରଞ୍ଜିଆ ଥାନା ଅଧୀନ କଳାକାଦ ଗ୍ରାମର ଅଜୟ ନାଏକ। ସୂଚନା ଅନୁଯାୟୀ, କରଞ୍ଜିଆରୁ ଏକ ଥଣ୍ଡା ପାନୀୟ ବୋଝେଇ ଟ୍ରକ୍ ଠାକୁରମୁଣ୍ଡା ଆସି ଫେରୁଥିବା ବେଳେ କଳାକାଦରୁ ଠାକୁରମୁଣ୍ଡା ଆଡକୁ ଆସୁଥିବା ବାଇକ୍‌କୁ ଧକ୍କା ଦେଇଥିଲା। ଖବର ପାଇ କରଞ୍ଜିଆ ଥାନା ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### କମ୍ପ୍ୟୁଟର ଚୋରି ଅଭିଯୋଗରେ ୨ ଗିରଫ

ବାସୁଦେବପୁର,୨୯।୫(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର– ଧାମରା ରାସ୍ତା ଚାନ୍ଦିମାଳ ଛକଠାରୁ ସୋମବାର ରାତ୍ରିକାଳୀନ ପାଟ୍ରୋଲିଂ ବେଳେ କମ୍ପ୍ୟୁଟର, କମ୍ପ୍ୟୁଟର ସାମଗ୍ରୀ, ଏକ ମହିନ୍ଦ୍ରା ଗାଡ଼ିରେ ଅନ୍ୟତ୍ର ଚାଲାଣ ହେଉଥିବା ବେଳେ କଷିଆ ସାମୁଦ୍ରିକ ଥାନା ପୋଲିସ ଜବତ କରିଥିଲା। ଚୋରି ସାମଗ୍ରୀଗୁଡ଼ିକ ସ୍ଥାନୀୟ କେକେଜିପି ହାଇସ୍କୁଲର ବୋଲି ଜଣାପଡ଼ିଥିଲା। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ ପ୍ରଧାନ କଷିଆ ସାମୁଦ୍ରିକ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ ୬୨/୨୪) ରୁଜୁ ହୋଇଥଲା। କମ୍ପ୍ୟୁଟର ଚୋରି ଘଟଣାରେ ସାନକୃଷ୍ଣପୁର ପଞ୍ଚାୟତର ଡିହସାହି ଗ୍ରାମର ଅରୁଣ କୁମାର ବେହେରା(୩୧) ଓ ଭୋଜେନ୍ଦ୍ର ନାୟକ(୨୪)ଙ୍କୁ ପୋଲିସ ଗିରଫ କରିଛି। ଚୋରି ସାମଗ୍ରୀକୁ ପୋଲିସ ଜବତ କରିବା ସହ ଏକ ମହେନ୍ଦ୍ରା ଗାଡ଼ିକୁ ମଧ୍ୟ ଜବତ କରିଛି। ବାସୁଦେବପୁର ଥାନା ପରିସରରେ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା ଓ କଷିଆ ସାମୁଦ୍ରିକ ଥାନା ଆଇଆଇସି ସାବିତ୍ରୀ ପଣ୍ଡା ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଚୋରି ସାମଗ୍ରୀ ଉଦ୍ଧାର ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।

# ଠିକା ସଂସ୍ଥା ବିରୋଧରେ ଜିଲାପାଳଙ୍କୁ ଫେରାଦ

## ଜିଲା ମୁଖ୍ୟ ଚିକିତ୍ସାଳୟ ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଯାଜପୁର ଟାଉନ,୨୯।୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବସିଥିବା ସଫେଇ କର୍ମଚାରୀ।

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ପ୍ରାୟ ୭୦ ସଫେଇ କର୍ମଚାରୀ ବୁଧବାର ସେମାନଙ୍କ ହକ୍ ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ନିଖିଲ ପବନ କଲ୍ୟାଣ ଘଟଣାରେ ହସ୍ତକ୍ଷେପ କରି ସେମାନଙ୍କ ସମସ୍ୟା ଶୀଘ୍ର ସମାଧାନ କରବା ପାଇଁ ଜିଲା ସ୍ୱାସ୍ଥ୍ୟ ପ୍ରଶାସନକୁ ନିର୍ଦ୍ଦେଶ ଦେବା ସହ ସମ୍ପୃକ୍ତ ଠିକା ସଂସ୍ଥାକୁ ତାଗିଦ୍ କରିଛନ୍ତି। ଜିଲାପାଳ କଲ୍ୟାଣ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣା, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ସଂଯୋଜକ, ସଫେଇ କର୍ମଚାରୀଙ୍କ ୫ ଜଣିଆ ପ୍ରତିନିଧି ଦଳ ଏବଂ ମା’ ବିରଜା ଟ୍ରେଡର୍ସର ପରିଚାଳକ ଙ୍କ ସହିତ ଆଲୋଚନା କରି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ବ୍ୟବସ୍ଥା କରିଛନ୍ତି।

ସୂଚନା ଯୋଗ୍ୟ, ଠିକା ସଂସ୍ଥା ମା’ ବିରଜା ଟେଡର୍ସ ଦୀର୍ଘ ଦିନ ହେଲା ଜିଲା ମୁଖ୍ୟ ଚିକିତ୍ସାଳୟ ଭିତରେ ଏବଂ ଚିକିତ୍ସାଳୟ ପରିସରକୁ ସଫେଇ ନିମନ୍ତେ ମହିଳା ଓ ପୁରୁଷ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରିଛି। ଦୈନିକ ସକାଳ ୬ରୁ ଅପରାହ୍ନ ୨ଟା ଏବଂ ଅପରାହ୍ନ ୨ଟା ରୁ ରାତି ୧୦ ଯାଏ ୨ଟି ସିଫ୍ଟରେ ଏହି କର୍ମଚାରୀମାନେ ସଫେଇ କାର୍ଯ୍ୟ କରିଥାନ୍ତି। କିନ୍ତୁ କର୍ମଚାରୀଙ୍କୁ ଶ୍ରମ ବିଭାଗ ନିୟମାନୁସାରେ ସପ୍ତାହରେ ଗୋଟିଏ ଲେଖାଏ ଛୁଟି ହିସାବରେ ମାସରେ ୪ ଛୁଟି ଦିଆ ଯାଉନାହିଁ। ମାସରେ ଗୋଟିଏ ଦିନ ଅନୁପସ୍ଥିତ ରହିଲେ ଅବା କୌଣସି ଦିନ ଯାନବାହନ ନ ପାଇ ସାମାନ୍ୟ ବିଳମ୍ବରେ ପହଞ୍ଚଲେ ସେମାନଙ୍କୁ ମାସିକ ପ୍ରଦାନ କରାଯାଉଥିବା ୮ ହଜାର ଟଙ୍କା ଦରମାରୁ କିଛି କାଟି ଦିଆଯାଉଛି। ସେହିପରି ସେମାନଙ୍କୁ ମାସିକ ୯,୫୦୦ ଟଙ୍କା ଦରମା ମିଳିବା ନିମନ୍ତେ ପ୍ରଥମରୁ କୁହାଯାଇ ପ୍ରତି ମାସରେ ତାଠାରୁ କମ୍ ଅର୍ଥାତ ମାତ୍ର ୮୦୦୦ ଟଙ୍କା ଦିଆଯାଉଛି। ତାହା ପୁଣି ପ୍ରତି ମାସ ପରିବର୍ତ୍ତେ ୨/୩ ମାସ ପରେ ଗୋଟିଏ ମାସର ଦରମା ଦିଆଯାଉଛି ବୋଲି କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ପ୍ରତିବାଦ କଲେ କାମରୁ ବାହାର କରିଦେବା ନିମନ୍ତେ ଧମକ ମଧ୍ୟ ଦିଆଯାଉଛି।

ଅନ୍ୟପକ୍ଷରେ ଠିକା ସଂସ୍ଥା ଏହି ସବୁ ଅଭିଯୋଗକୁ ଖଣ୍ଡନ କରିଛି। ଏହାର ପରିଚାଳକ କହିଛନ୍ତି, ମୂଳ ଦଳମାରୁ ଆମେ କାଟି ରଖିବା ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ବରଂ ବର୍ଦ୍ଧିତ ଦରମା ୯୫୦୦ ଟଙ୍କାକୁ ଆମେ ପିଛିଲା ତାରିଖରୁ ଲାଗୁ ପାଇଁ ସବୁ ବ୍ୟବସ୍ଥା ଚୂଡ଼ାନ୍ତ କରିଛୁ। କ୍ରମାଗତ ଭାବେ ୩୦ ଦିନ ନୁହେଁ ବରଂ ଆମେ ଶ୍ରମ ଆଇନକୁ ସମ୍ମାନ ଜଣାଇ ପ୍ରତ୍ୟେକ ଶ୍ରମିକ ଙ୍କୁ ୨୪ ଦିନ କାର୍ଯ୍ୟରେ ନିୟୋଜିତ କରୁଛୁ। ଯେଉଁମାନେ ସ୍ୱଇଚ୍ଛାରେ ଅବଶିଷ୍ଟ ୪ ଦିନ ଛୁଟି ଦିବସରେ କାମ କରିବାକୁ ଆଗ୍ରହୀ ସେମାନଙ୍କୁ ସେହି ଅନୁସାରେ ଅତିରିକ୍ତ ମଜୁରି ଦିଆଯାଉଛି ବୋଲି ମା ବିରଜା ଟ୍ରେଡର୍ସର ପରିଚାଳକ ପ୍ରକାଶ କରିଛନ୍ତି। ସେହିପରି ଜିଲା ଶ୍ରମ ବିଭାଗ ଏପରି ସମ୍ବେଦନଶୀଳ ଘଟଣା ଗୁଡିକକୁ ଆଦୌ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି। ଏ ନେଇ ଅନେକେ ସଫେଇ କର୍ମଚାରୀ ଶ୍ରମ ବିଭାଗ ଉପରେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଶ୍ରମ ବିଭାଗ ଅଧିକାରୀ ଯଦି ମଝିରେ ମଝିରେ କର୍ମଚାରୀମାନଙ୍କ ସହିତ ଆଲୋଚନା କରନ୍ତେ ତେବେ ସେମାନଙ୍କ ସମସ୍ୟାଗୁଡ଼ିକ କ’ଣ ଯାଇ ଜାଣିପାରନ୍ତେ। କିନ୍ତୁ ବିଭାଗୀୟ ଅଧିକାରୀ କେବଳ ଠିକା ସଂସ୍ଥା ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ସହିତ ସମ୍ପର୍କ ରଖି ତାଙ୍କ ଦାୟିତ୍ୱକୁ ମୁଣ୍ଡରୁ ଓହ୍ଲାଇ ଦେଉଛନ୍ତି ବୋଲି ସଫେଇ କର୍ମଚାରୀମାନେ ଅଭିଯୋଗ କରିଛନ୍ତି।

# ବ୍ୟାସନଗର ବିଜେଡିର କର୍ମୀ ସମ୍ମିଳନୀ

ଯାଜପୁରରୋଡ୍,୨୯।୫ (ପବିତ୍ର ରଞ୍ଜନ ମହାନ୍ତି):

କୋରେଇ ନିର୍ବାଚନମଣ୍ଡଳୀ ଅଧୀନ ବ୍ୟାସନଗର ପୌର ପରିଷଦର ୨୬ଟି ୱାର୍ଡର ମହିଳା ଓ କର୍ମୀଙ୍କୁ ନେଇ ବିଜେଡିର ଏକ କର୍ମୀ ସମ୍ମିଳନୀ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦର ଉପନଗରପାଳ ସୁଭାଷ ଚନ୍ଦ୍ର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଅଶୋକ ଦାସ ଫାଉଣ୍ଡେସନର ଅଧ୍ୟକ୍ଷ ଭବପ୍ରସାଦ ଦାସ, ପୌର ପରିଷଦର ଅଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ଜିଲା ମହିଳା ସଭାନେତ୍ରୀ ସବିତା ରାଉତ, ପୂର୍ବତନ ପୌରାଧ୍ୟକ୍ଷା ସରୋଜିନୀ ବଳ, ବରିଷ୍ଠ ବିଜେଡି ନେତା ରସାନନ୍ଦ ମହାନ୍ତି ମଞ୍ଚାସୀନ ହୋଇ ନିଜର ବକ୍ତବ୍ୟ ରଖିଥିଲେ।

ଆସନ୍ତା ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ଦଳର ବିଧାୟିକା ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସ ଓ ସାଂସଦ ପ୍ରାର୍ଥୀ ଶର୍ମିଷ୍ଠା ସେଠୀଙ୍କୁ ଜିତାଇବାକୁ ସମସ୍ତେ ଶପଥ ନେଇଥିଲେ। ଏହି ସଭାରେ ବିଜେଡିର ସମସ୍ତ କାଉନସିଲର ଉପସ୍ଥିତ ରହି ନିଜ ୱାର୍ଡବାସୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। କୋରେଇ ତଥା ବ୍ୟାସନଗର ସହରକୁ ବିକାଶର ଏକ ମଡେଲ କରିବା ସହ ଓଡ଼ିଶାର ଏକ ନଂ ନିର୍ବାଚନମଣ୍ଡଳୀରେ ପରିଣତ କରାଯିବ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ।


କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ନେତା ଓ କର୍ମୀମାନେ।

# ମତସାବ୍ୟସ୍ତ କରିବାକୁ ଜିଲାପାଳଙ୍କ ନିବେଦନ

ଭଦ୍ରକ,୨୯।୫ (ସନାତନ ରାଉତ)

ଲୋକସଭା ଓ ଓଡ଼ିଶା ବିଧାନସଭା ଏକକାଳୀନ ସାଧାରଣ ନିର୍ବାଚନ–୨୦୨୪ ଅବସରରେ ଭଦ୍ରକ ଲୋକସଭା ଓ ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆସନ୍ତା ଜୁନ୍ ୧ରେ ମତଦାନ କରାଯିବ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ମତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସଦ୍ୟ ପ୍ରକାଶିତ ଭୋଟର ତାଲିକାରେ ନାମ ଥିବା ଜିଲାର ସମସ୍ତ ମତଦାତା ନିଶ୍ଚିତ ମତଦାନ କରିବାକୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମସ୍ତ ଭୋଟରମାନଙ୍କୁ ନିବେଦନ କରିଛନ୍ତି। ମତଦାନ ଗଣତନ୍ତ୍ରର ସ୍ପନ୍ଦନ। ମତଦାନ ଭୋଟରମାନଙ୍କର ସାମ୍ବିଧାନିକ ଅଧିକାର। ସମସ୍ତ ଭୋଟର ନିଜ ନିଜ ବୁଥକୁ ଯାଇ ଶାନ୍ତି ଶୃଙ୍ଖଳାର ସହିତ ମତଦାନ କରନ୍ତୁ ବୋଲି ସେ ଭୋଟରଙ୍କୁ ଅନୁରୋଧ କରିଛନ୍ତି। ଆମ ଦେଶର ଗର୍ବ, ନିର୍ବାଚନର ପର୍ବରେ ସାମିଲ ହେବାକୁ ଜିଲାପାଳ ବାର୍ତ୍ତା ପ୍ରଦାନ କରିଛନ୍ତି।

# ପୋଷ୍ଟାଲ ବାଲଟରେ ଭୋଟ ଦେଲେ ୧୬୦ କର୍ମଚାରୀ


ମତଦାନ କରିବାକୁ ଆସିଥିବା କର୍ମଚାରୀ।

ଯାଜପୁର ଟାଉନ,୨୯।୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଜୁନ୍ ୧ରେ ଯାଜପୁର ଜିଲାରେ ମତଦାନ ଅନୁଷ୍ଠିତ ହେବ। ଏହି ଅବସରରେ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ପୋଲିଂ କର୍ମଚାରୀଙ୍କୁ ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରଶିକ୍ଷଣ ଦିଆଯିବା ସହ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ୍ ଗ୍ରହଣ କରାଯାଇଛି। ବୁଧବାର ଅନ୍ତିମ ଦିବସରେ ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣଙ୍କ ନିର୍ଦ୍ଦେଶମତେ ମତଦାନ କରାଯାଇଛି। ଏଥିରେ ସେକ୍ଟର ଅଫିସର, ପୋଲିସ କର୍ମଚାରୀ, ଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ, ଗଣମାଧ୍ୟମ ସାର୍ଟିଫିକେସନ ଓ ପରିଚାଳନା କମିଟି କର୍ମଚାରୀ, ଫ୍ଲାଇଂ ସ୍କ୍ୱାଡ୍ ଟିମ୍ କର୍ମଚାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପଞ୍ଜୀକୃତ ଖବରଦାତା, ଷ୍ଟାଟିକ ସର୍ଭେଲାନ୍ସ ଟିମ୍‌ର ୧୬୦ ମତଦାତା ଯାଜପୁର (ସଂରକ୍ଷିତ) ଲୋକ ସଭା ଆସନ ଏବଂ ନିଜି ନିଜ ବିଧାନସଭା ଆସନ ନିମନ୍ତେ ପୋଷ୍ଟାଲ ବାଲଟରେ ମତଦାନ କରିଛନ୍ତି। ଜିଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଏବଂ ପୋଷ୍ଟାଲ ବାଲାଟ ଜିଲା ନୋଡାଲ ଅଧିକାରୀ ରଶ୍ମିରେଖା ପ୍ରଧାନ, ଦଶରଥପୁର ତହସିଲଦାର ବିକ୍ରମ କିଶୋର ପରିଡା ମତଦାନ କାର୍ଯ୍ୟ ପରିଚାଳନା କରିଥିଲେ। ଆଟେଷ୍ଟିଂ ଅଫିସର ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ, ଜିଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ କାର୍ଯ୍ୟ ସମ୍ପାଦନା କରିଥିଲେ।

# ପରିବା ବ୍ୟବସାୟୀଙ୍କ ଝିଅ ବିଶ୍ୱବିଦ୍ୟାଳୟ ଟପ୍ପର

ପାଟଣା,୨୯।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କ୍ଷୀରେଇ ଟାଙ୍ଗିରିସ୍ଥିତ ବିଶ୍ୱବିନାୟକ ଡିଗ୍ରୀ କଲେଜର ଛାତ୍ରୀ ନମ୍ରତା ବେହେରା କମ୍ପ୍ୟୁଟର ସାଇନ୍ସରେ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ସେ ମୋଟ ୧୪୦୦ ରୁ ୧୨୧୯ ନମ୍ବର ଯଥା ୮୭ ପ୍ରତିଶତ ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ବିଶ୍ୱବିଦ୍ୟାଳୟରେ ଟପ୍ପର ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ନମ୍ରତା ଘର କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଖିରେଇଟାଙ୍ଗିରୀ ପଞ୍ଚାୟତ ଓଳଙ୍ଗ ଗ୍ରାମରେ। ତାଙ୍କ ବାପା ବିଜୟାନନ୍ଦ ବେହେରା ଜଣେ ପରିବା ବ୍ୟବସାୟୀ ହୋଇଥିବା ବେଳେ ମା’ ଗୀତାଞ୍ଜଳି ଗୃହିଣୀ। ନମ୍ରତା ତାଙ୍କ ସଫଳତା ପାଇଁ ନିଜର ମାତା, ପିତା ଓ ପରିବାର ବର୍ଗଙ୍କ ସହ ବିଶ୍ୱ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରବି ନାରାୟଣ ମହାନ୍ତ, ଅନ୍ୟ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ସେ କମ୍ପ୍ୟୁଟର ଶିକ୍ଷା ବିଷୟରେ ଉଚ୍ଚତର ଶିକ୍ଷା ହାସଲ କରିବା ସହ ଜଣେ ଭଲ ସଫ୍ଟୱେୟାର ଇଞ୍ଜିନିୟର ହେବେ ବୋଲି ଆଶା ରଖିଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ବୁଧବାର ବିଶ୍ୱ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ମା’ଙ୍କ ପାଇଁ କୋରେଇରେ ବବିଙ୍କ ପ୍ରଚାର


ସମର୍ଥକଙ୍କ ସହ ବବି ପ୍ରଚାରରେ ସାମିଲ ହୋଇଛନ୍ତି।

ରଗଡ଼ି,୨୯।୫(ଯତିଶ କୁମାର ମଲ୍ଲିକ):

କୋରେଇ ବିଜେଡି ବିଧାୟକ ପ୍ରାର୍ଥିନୀ ସନ୍ଧ୍ୟାରାଣୀ ଦାସଙ୍କ ପାଇଁ ତାଙ୍କ ପୁଅ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ବୁଧବାର କୋରେଇ ବ୍ଲକରେ ମାରାଥନ ପ୍ରଚାର କରିଛନ୍ତି। ସେ ବନ୍ଧାଲୋ, ବରୁଣ୍ଡାଇ, କନ୍ତୋର, କାଚରାସାହି, ପଛିକୋଟ, ଅନ୍ଧାରି, ପାଟରଙ୍ଗା ଓ ତଳଗଡ଼ ଆଦି ପଞ୍ଚାୟତ ବୁଲି ଲୋକଙ୍କ ସହଯୋଗ ଲୋଡ଼ିଛନ୍ତି। ସେ କହିଛନ୍ତି, କୋରେଇ ହେଉଛି ତାଙ୍କ ବାପା ଅଶୋକ ଦାସଙ୍କ କର୍ମ ଭୂମି। ତେଣୁ କୋରେଇର ସର୍ବାଙ୍ଗୀନ ବିକାଶ ଓ ଯୁବକମାନଙ୍କ ଦାୟିତ୍ୱ ତାଙ୍କର। ଏହି ଅବସରରେ ଅନ୍ଧାରି ପଞ୍ଚାୟତରେ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତରାୟ, ପଞ୍ଚାୟତ ବିଜେଡି ସଭାପତି ଗଣେଶ ଦାସ, ବସନ୍ତ ମହାକୁଡ଼ ଓ ସମିତି ସଭ୍ୟା ରଶ୍ମିତା କରଙ୍କ ସମେତ ଦଳୀୟ କର୍ମୀ ବବିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ତଳଗଡ଼ ପଞ୍ଚାୟତରେ ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, ସମିତିସଭ୍ୟା ବବିତା ନାୟକ, ପଞ୍ଚାୟତ ବିଜେଡି ସଭାପତି ଅଞ୍ଜନ କୁମାର ନାୟକ, ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର କୁମାର ମିଶ୍ର, ହେମନ୍ତ କୁମାର ଜେନା ଓ ଯୁବ ବିଜେଡି ସଭାପତି ବିକ୍ରମ କୁମାର ଜେନା ପ୍ରମୁଖ ବବିଙ୍କୁ ସ୍ୱାଗତ କରିଥିଲେ।

# ଟାଟା ଷ୍ଟିଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ



ବିଶ୍ୱ ପରିବେଶ ଦିବସରେ ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ କର୍ମଚାରୀ।

କଳିଙ୍ଗନଗର,୨୯।୫(ଶିଭାଶିଷ ରାଉତ) :

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବୁଧବାର ଟାଟା ଷ୍ଟିଲ କଳିଙ୍ଗନଗର(ଟିଏସ୍‌କେ)ର କର୍ମଚାରୀମାନେ କାରଖାନା ପରିସରରେ ସ୍ୱଚ୍ଛତା ଅଭିଯାନ ଆୟୋଜନ କରିଛନ୍ତି। ଟିଏସ୍‌କେର ପରିବେଶ ବିଭାଗ ପକ୍ଷରୁ ଆୟୋଜିତ ଏହି ସଫେଇ ଅଭିଯାନରେ ଡୁବୁରିସ୍ଥିତ ଶିବ ମନ୍ଦିର ପରିସର ତଥା ପ୍ଲାଣ୍ଟ ଗେଟ୍ ନିକଟ ବଜାର ଅଞ୍ଚଳରେ ଟିଏସ୍‌କେ କର୍ମଚାରୀମାନେ ସଫେଇ କାର୍ଯ୍ୟ କରିଥିଲେ । ସ୍ୱଚ୍ଛତା ଅଭିଯାନ ସମୟରେ କର୍ମଚାରୀମାନେ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରିବା ସହ ଉପଯୁକ୍ତ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱାରୋପ କରିବା ସହ ଏକକ ବ୍ୟବହୃତ ପ୍ଲାଷ୍ଟିକଠାରୁ ଦୂରେଇ ରହିବାକୁ ଅନୁରୋଧ କରିଥିଲେ । ପରିବେଶ ଏବଂ ସମ୍ପ୍ରଦାୟ ପ୍ରତି ଟାଟା ଷ୍ଟିଲର ପ୍ରତିବଦ୍ଧତାର ପ୍ରମାଣ ହେଉଛି ଏହି ସ୍ୱଚ୍ଛତା ଅଭିଯାନ । ଟାଟା ଦୀର୍ଘସ୍ଥାୟୀତ୍ୱ ମାସ ପାଳନର ଏକ ଅଂଶ ଭାବେ ଜୁନ ୨୦୨୪ ରେ ସମାନ ଅଭିଯାନ ଏବଂ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବାକୁ ଯୋଜନା କରାଯାଇଛି ।

# ୧୨୨ ବୁଥ୍‌ରେ ଲାଗିବ ସିସିଟିଭି କ୍ୟାମେରା

ଧର୍ମଶାଳା,୨୯।୫(ବଟକୃଷ୍ଣ ପରିଡ଼ା):



ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିମଧ୍ୟରେ ଧର୍ମଶାଳା ବ୍ଲକର ୧୨୨ ବୁଥ୍‌ରେ କ୍ଲୋଜ୍‌ଡ ସର୍କିଟ୍ ଟେଲିଭିଜନ (ସିସିଟିଭି) କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଇଛି। ଏହି ବ୍ଲକ ରାଇଛନ୍ଦା ପଞ୍ଚାୟତର ୧, ୨, ୧୫, ୧୬, ୧୭ ନମ୍ବର ବୁଥ୍, ରେଖିଦେଇପୁର ପଞ୍ଚାୟତର ୩, ୪ ନମ୍ବର ବୁଥ୍, ଏଣ୍ଡଲବା ପଞ୍ଚାୟତର ୫, ୬, ୮ ଓ ୧୦ ନମ୍ବର ବୁଥ୍, ତାଳଜଙ୍ଗ ପଞ୍ଚାୟତର ୧୩, ୧୮ ନମ୍ବର ବୁଥ୍, କବାଟବନ୍ଧ ପଞ୍ଚାୟତର ୧୯, ୨୦ ଓ ୨୧ ନମ୍ବର ବୁଥ୍, ମଧୁସୂଦନପୁର ପଞ୍ଚାୟତର ୨୩, ୨୪, ୩୧ନଂ. ବୁଥ୍, ମର୍ଜିତାପୁର ପଞ୍ଚାୟତର ୨୫, ୨୬, ୨୭, ୨୮ ଓ ୪୦ ନମ୍ବର ବୁଥ୍, ଚକ୍ରଧରପୁର ପଞ୍ଚାୟତର ୩୨ନଂ. ବୁଥ୍ ଓ ବୃନ୍ଦାଦେଇପୁର ପଞ୍ଚାୟତର ୩୫, ୩୬ ନମ୍ବର ବୁଥ୍‌ରେ ସିସିଟିଭି କ୍ୟାମେରା ଲଗାଯିବ।

ସେହିପରି ଜେନାପୁର ପଞ୍ଚାୟତର ୩୭, ୩୮ ଓ ୩୯ନଂ. ବୁଥ୍, କମାଗଡ଼ ପଞ୍ଚାୟତର ୪୬, ୪୭ନଂ. ବୁଥ୍, ଅଞ୍ଜିରା ପଞ୍ଚାୟତର ୫୩, ୫୪, ୫୫, ୫୬ନଂ. ବୁଥ୍, ପୁରୁଣା ବଉଳମାଳ ପଞ୍ଚାୟତର ୫ ନଂ. ବୁଥ୍, ମଧୁପୁରଗଡ଼ ପଞ୍ଚାୟତର ୬୧, ୬୭, ୬୮ନଂ. ବୁଥ୍, ଅଣ୍ଟିଆ ପଞ୍ଚାୟତର ୬୫, ୬୬ନଂ. ବୁଥ୍, ମହିଶରା ପଞ୍ଚାୟତର ୭୧, ୭୨, ୭୫ନଂ. ବୁଥ୍, ସମ୍ପାରୁ ପଞ୍ଚାୟତର ୮୦ନଂ. ବୁଥ୍, ତରଞ୍ଜିଆ ପଞ୍ଚାୟତର ୮୨ନଂ. ବୁଥ୍, ଆରୁହା ପଞ୍ଚାୟତର ୮୫, ୮୬ ଓ ୯୧ନଂ. ବୁଥ୍‌ରେ ସିସିଟିଭି କ୍ୟାମେରା ଲଗାଯିବ। ସେହିପରି ପାଖର ପଞ୍ଚାୟତର ୮୭, ୮୮ନଂ. ବୁଥ୍, ଥାନୁଆଳ ପଞ୍ଚାୟତର, ୮୯, ୧୦୧ ନଂ. ବୁଥ୍, ହରିଦାସପୁର ପଞ୍ଚାୟତର ୯୫ , ୯୬ନଂ. ବୁଥ୍, ସୁନ୍ଦୁରିଆ ପଞ୍ଚାୟତର ୯୭ ନଂ. ବୁଥ୍, ଗଙ୍ଗାଧରପୁର ପଞ୍ଚାୟତର ୧୦୪, ୧୦୬, କୁମାରୀ ପଞ୍ଚାୟତର ୧୭୦, ୧୭୧, ୧୭୨ ଓ ୧୭୩ ନଂ. ବୁଥ୍‌ରେ ସିସିଟିଭି କ୍ୟମେରା ଲାଗିବ।

ସେହିପରି ଚୋରମୁହାଁ ପଞ୍ଚାୟତର ୧୭୪, ୧୭୬, ୧୮୦ନଂ. ବୁଥ୍, ଚହଟା ପଞ୍ଚାୟତର ୧୭୭, ୧୭୮ନଂ. ବୁଥ୍, ଭବାନୀପୁର ପଞ୍ଚାୟତର ୧୮୧ , ୧୮୨, ୧୮୩ ନଂ. ବୁଥ୍, ବଡ଼କାଏମାର ୧୮୫, ୧୯୨, ୧୯୩, ୨୦୩, ୨୦୭, ୨୦୮ନଂ. ବୁଥ୍, ଉତ୍ତରପ୍ରତାପ ପଞ୍ଚାୟତର ୧୮୬, ୧୮୭ , ୧୮୮, ୧୮୯, ୧୯୦, ୧୯୧ନଂ. ବୁଥ୍ ଓ ଅଭୟପୁର ପଞ୍ଚାୟତର ୧୯୭, ୧୯୮, ୨୦୧, ୨୦୪ ନଂ. ବୁଥ୍, ଜାରକା ପଞ୍ଚାୟତର ୧୯୯, ୨୦୦ନଂ. ବୁଥ୍, ମିର୍ଜାପୁର ପଞ୍ଚାୟତର ୨୧୦, ୨୧୧, ୨୪୧ ନଂ. ବୁଥ୍, ମଙ୍ଗଳପୁର ପଞ୍ଚାୟତର ୨୧୨, ୨୧୭, ୨୧୮ ନଂ. ବୁଥ୍, ଦେଓଦା ପଞ୍ଚାୟତର ୨୧୩, ୨୧୪, ୨୧୫ନଂ. ବୁଥ୍, ସୁନ୍ଦୁରିଆ ପଞ୍ଚାୟତର ୨୨୩ ନଂ. ବୁଥ୍‌ରେ ସିସିଟିଭି କ୍ୟାମେରା ଲଗାଯିବ। ସେହିପରି ନେଉଳପୁର ପଞ୍ଚାୟତର ୨୨୪, ୨୨୭, ୨୨୮ନଂ. ବୁଥ୍, କ୍ଷେତ୍ରପାଳ ପଞ୍ଚାୟତର ୨୩୦, ୨୩୨, ୨୩୩ ନଂ. ବୁଥ୍, କଣ୍ଟିଗଡ଼ିଆ ପଞ୍ଚାୟତର ୨୩୫, ୨୩୬, ୨୩୭ନଂ. ବୁଥ୍, ପଟୁଣିଆ ପଞ୍ଚାୟତର ୨୪୫, ୨୪୮ନଂ. ବୁଥ୍, ଅରେଇକଣା ପଞ୍ଚାୟତର ୨୪୯, ୨୫୦ନଂ. ବୁଥ୍, କୋତପୁର ପଞ୍ଚାୟତର ୨୫୩, ୨୫୪ , ୨୬୦, ୨୬୧ ନଂ. ବୁଥ୍, ଅରାବଳ ପଞ୍ଚାୟତର ୨୫୫, ୨୫୬, ୨୫୯ନଂ. ବୁଥ୍ ଓ କଦମପାଳ ପଞ୍ଚାୟତର ୨୬୨, ୨୬୩ ଓ ୨୬୪ ନଂ. ବୁଥ୍‌ରେ ସିସିଟିଭି କ୍ୟାମେରା ଲଗାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଶାରୁ ବିଜେଡି ଯିବ, ଭାଜପା ସରକାର ଆସିବ



କେନ୍ଦ୍ରାପଡ଼ାରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ମୋଦିଙ୍କ ସହ ଭାଜପା ନେତୃବୃନ୍ଦ।

## ଭାଜପାର ବିଜୟ ସଙ୍କଳ୍ପ ସମାବେଶ

କେନ୍ଦ୍ରାପଡ଼ା, ୨୯।୫(ଜଗନ୍ନାଥ ଧଳ)

ଓଡ଼ିଶାରୁ ବିଜେଡି ଯିବ ଓ ଭାଜପା ସରକାର ଆସିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । କେନ୍ଦ୍ରପଡ଼ା ଜିଲା କେନ୍ଦ୍ରାପଡ଼ା ବ୍ଲକ ବାରୋ ପଞ୍ଚାୟତସ୍ଥିତ ସିଦ୍ଧମଠ ପଡ଼ିଆଠାରେ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇ ସେ କହିଛନ୍ତି, ରାଜ୍ୟବାସୀ ଭାଜପା ସରକାର ଗଠନ ପାଇଁ ମତ ଦେଉଛନ୍ତି। ଆସନ୍ତା ଜୁନ୍ ୧୦ରେ ଜଣେ ଓଡ଼ିଆ ମୁଖ୍ୟମନ୍ତ୍ରୀ ହେବେ। ଏହା ତାଙ୍କର ଶେଷ ନିର୍ବାଚନ ପ୍ରଚାର । ଏହାପରେ ନୂଆ ସରକାର ଆସିବ । କେନ୍ଦ୍ରରେ ତୃତୀୟ ଥର ପାଇଁ ଭାଜପା ସରକାର ଗଠନ କରୁଛି । ବିକଶିତ ଓଡ଼ିଶା ପାଇଁ ଦୁଇଥର ପଦ୍ମ ଚିହ୍ନରେ ଭୋଟ ଦେଇ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ଗତ ବର୍ଷ ତୁଳନାରେ ଏ ବର୍ଷ ଅବନତି ଘଟିଛି। ବର୍ଷକ ମଧ୍ୟରେ ତାଙ୍କ ସ୍ୱାସ୍ଥ୍ୟ ଏତେ ଖରାପ କାହିଁକି ହେଲା ସେ ନେଇ ତାଙ୍କୁ ଭଲପାଉଥିବା ଲୋକମାନେ ଚିନ୍ତାବ୍ୟକ୍ତ କରିଛନ୍ତି । ଭାଜପା ସରକାରକୁ ଆସିଲେ ସେଥିପାଇଁ ଏକ ତଦନ୍ତ କମିଟି ଦ୍ୱାରା ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ।

ବିଜେଡିକୁ ଟାର୍ଗେଟ କରି ମୋଦି କହିଛନ୍ତି, ଓଡ଼ିଶାରେ ୨୪ ବର୍ଷରେ ଯାହା ନ ହୋଇଛି, ଭାଜପା କ୍ଷମତାକୁ ଆସିଲେ ୬ ମାସ ମଧ୍ୟରେ ବିକାଶର ଗତି ଏକ ନୂଆରୂପ ନେବ । ୪ ଜୁନ୍ ପରେ ଓଡ଼ିଶା ବିକାଶର ଏକ ନୂଆ ଧାରା ଦେଖିବ। ଏଠାକୁ ମୁଁ ଆପଣଙ୍କ ଆଶୀର୍ବାଦ ନେବାକୁ ଆସିଛି। ଜୁନ୍ ୧୦ରେ ଭାଜପାର ନୂଆ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ ଉତ୍ସବ ପାଇଁ ଆପଣମାନଙ୍କୁ ମୁଁ ନିମନ୍ତ୍ରଣ ଦେବା ପାଇଁ ଆସିଛି ବୋଲି ସେ କହିଥିଲେ । ଏଥର ଓଡ଼ିଶାରେ ଭାଜପା ଏମ୍‌ପି ଓ ଏମ୍‌ଏଲଏ ପ୍ରାର୍ଥୀଙ୍କୁ ଜନସାଧାରଣ ବହୁ ମତ ପ୍ରଦାନ କରୁଛନ୍ତି। ଦାଦନ ସମସ୍ୟା, ଭ୍ରଷ୍ଟାଚାର, ଶ୍ରୀଜଗନ୍ନାଥ ମନ୍ଦିର ୪ ଦ୍ୱାର ନ ଖୋଲିବା ଦ୍ୱାରା ଏହି ଭୋଟ ଭାଜପାକୁ ଯାଇଛି । ବିକଶିତ ଓଡ଼ିଶା ପାଇଁ ଭାଜପାକୁ ଆସିଥିବା ଭୋଟ ଆଦୌ ବ୍ୟର୍ଥ ଯିବନି । ଚାଷୀଙ୍କୁ କୁଇଣ୍ଟାଲ ପ୍ରତି ୩,୧୦୦ ଟଙ୍କାର ଏମ୍‌ଏସ୍‌ପି, ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ଲେଖାଏଁ ମହିଳାଙ୍କୁ ପ୍ରଦାନ, ଲକ୍ଷପତି ଦିଦି ସୃଷ୍ଟି କରିବା, ସ୍ୱାସ୍ଥ୍ୟସେବା ପାଇଁ ଆୟୁଷ୍ମାନ ଯୋଜନା, ପିଏମ୍ ସୂର୍ଯ୍ୟଘର ଯୋଜନାରେ ପ୍ରତି ଘରକୁ ମାଗଣା ବିଜୁଳି ଯୋଗାଣ ଆଦି ଓଡ଼ିଶାବାସୀ ଲାଭ କରିବେ ବୋଲି ସେ କହିଥିଲେ। ଏଥିସହ ସେ ଉପସ୍ଥିତ ଜନତାଙ୍କୁ ଅନୁରୋଧ କରିଥିଲେ ଆପଣମାନେ ଚାଳଘର ଦେଖିଲେ ମାଲିକଙ୍କ ନାମ ଓ ଠିକଣା ଲେଖି ପଠାଇଲେ ଆବାସ ଯୋଜନାରେ ସେମାନେ ସାମିଲ କରିବେ । ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବିକୁ ନେଇ ସେ କହିଥିଲେ, ଯାଞ୍ଚ କମିଟିରେ ତ୍ରୁଟି ଧରା ପଡୁନାହିଁ । ଏହାର ସମାଧାନ ହେବ ।

ଏହି ଅବସରରେ କଂଗ୍ରେସର ୬୦ ବର୍ଷ ରାଜୁତି ଓ ଗତ ୧୦ ବର୍ଷର ଭାଜପା ଶାସନର ଏକ ତୁଳନାତ୍ମକ ଚିତ୍ର ମୋଦି ପ୍ରଦାନ କରିଥିଲେ। ସେହିପରି ଗତ ୧୦ ବର୍ଷ ମଧ୍ୟରେ ଷ୍ଟାଚ୍ୟୁ ଅଫ୍ ୟୁନିଟି, ଅଟଳ ସେତୁ, ଅଟଳ ଟନେଲ, ନୂଆ ସଂସଦ ଭବନ ଆଦି ଭାଜପା ସରକାରଙ୍କ ଟ୍ରେଲର ଥିଲା ବୋଲି ସେ କହିଥିଲେ ।

ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ସମାବେଶରେ କହିଥିଲେ, ଓଡ଼ିଆଙ୍କ ଅସ୍ମିତା ଏବେ ବନ୍ଧା ପଡ଼ିଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଗୋଇଠା ମରାଯାଉଛି । ଦାଦନ ଶ୍ରମିକ ସମସ୍ୟା ହେଉ ଅଥବା କର୍ମ ନିଯୁକ୍ତି, ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟସେବା ଆଦି କେନ୍ଦ୍ରାପଡ଼ା ଜିଲାରେ ଗୁରୁତର ହୋଇଛି । ଅପରପକ୍ଷେ କେନ୍ଦ୍ରୀୟ ଯୋଜନାକୁ କେବଳ ଲେବୁଲ ମାରି ରାଜ୍ୟ ଶାସକ ଦଳ ନିଜର ବୋଲି କହିଛନ୍ତି ।

ଉକ୍ତ ସମାବେଶ ପ୍ରାରମ୍ଭରେ ଅଦରକାରୀ ଜରିରୁ ବିଭିନ୍ନ ଘରୋଇ ସାମଗ୍ରୀ ତିଆରି କରୁଥିବା ଶିଳ୍ପୀ କମଳା ମହାରଣାଙ୍କ ସମେତ ବହୁ କଳାକାର ଓ କାର୍ଯ୍ୟକର୍ତ୍ତାଙ୍କଠାରୁ ଉପହାର ପ୍ରଧାନମନ୍ତ୍ରୀ ମୋଦି ଗ୍ରହଣ କରିଥିଲେ । କେନ୍ଦ୍ରାପଡା ବିଧାୟକ ପ୍ରାର୍ଥୀ ଗୀତାଞ୍ଜଳି ସେଠୀ, ଆଳି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, ରାଜନଗର ବିଧାୟକ ପ୍ରାର୍ଥୀ ଲଳିତ ବେହେରା, ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ଦୁର୍ଗାପ୍ରସନ୍ନ ନାୟକ, ପାଟକୁରା ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା, ମାହାଙ୍ଗା ବିଧାୟକ ପ୍ରାର୍ଥୀ ଦୁଷ୍ମନ୍ତ ଘଡେଇ, ସାଲେପୁର ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ପ୍ରମୁଖ ଏଠାରେ ଭାଜପା ପାଇଁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନୀ ସଭାରେ ଯୋଗଦେଇଥିବା ଲୋକମାନେ।



ଜରିରେ ନାନା ଘରୋଇ ସାମଗ୍ରୀ ତିଆରି କରିଥିବା କମଳା ମହାରଣାଙ୍କଠାରୁ ଉପହାର ଗ୍ରହଣ କରିବା ପରେ ମୋଦି ତାଙ୍କୁ ପ୍ରଣାମ କରୁଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବାବୁ



@ ଦିବ୍ୟକାନ୍ତ



@ ସ୍ୱାଧୀନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସିଙ୍ଗିରି ପଞ୍ଚାୟତରେ ବିଜେଡିର ବାଇକ୍ ଶୋଭାଯାତ୍ରା



ଆଳି, ୨୯।୫ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ନିର୍ବାଚନମଣ୍ଡଳୀରେ ଜୁନ ୧ରେ ଭୋଟ ଗ୍ରହଣ ହେବ। ଏଥିପାଇଁ ବିଭିନ୍ନ ଦଳ ପକ୍ଷରୁ ନିର୍ବାଚନମଣ୍ଡଳୀରେ ପ୍ରଚାର କାର୍ଯ୍ୟ ଜୋରଦାର ହେଉଛି । ବୁଧବାର ଅପରାହ୍ନରେ ଆଳି ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ସିଙ୍ଗିରି ପଞ୍ଚାୟତରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା କରି ଭୋଟ ଭିକ୍ଷା କରିଛନ୍ତି। ମାଳପାଟଣା ଭାତୁଆବଟ ନିକଟରୁ ଏହି ବାଇକ୍ ଶୋଭାଯାତ୍ରା ବାହାରି ରାଉତା, ଧାନମଣ୍ଡଳ, ଅଳିହା, ଦହିସାହି, ସିଙ୍ଗିରି, ବାଙ୍କେଶ୍ୱର, ରାଇସରପୁର, ବେଲାରୀ, ନାଉ ମହାସାହାଣୀ ଗାଁରେ ପହଞ୍ଚି ଭୋଟ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ସନାତନ ମିଶ୍ର,ଆଶୁତୋଷ ଦାସ,ବିଚିତ୍ର ବେହେରା, ପ୍ରତାପ ବାରିକ, ଆଲୋକ ପଣ୍ଡା,ମନୋରଞ୍ଜନ ଲେଙ୍କା, ଅବିନାଶ ଦାସଙ୍କ ସମେତ ଶତାଧିକ ବିଜେଡି କର୍ମୀ ସାମିଲ ହୋଇଥିଲେ।

## ଜୟରାଷ୍ଟ୍ର ପକ୍ଷରୁ ବୀର ସଭରକରଙ୍କ ଜୟନ୍ତୀ

କେନ୍ଦ୍ରାପଡ଼ା, ୨୯।୫ (ଜଗନ୍ନାଥ ଧଳ)

ସାମାଜିକ ସଙ୍ଗଠନ ଜୟରାଷ୍ଟ୍ର ପକ୍ଷରୁ ମହାନ କ୍ରାନ୍ତିକାରୀ ତଥା ରାଷ୍ଟ୍ରବାଦୀ ନେତା ବିନାୟକ ଦାମୋଦର ସଭରକରଙ୍କ ଜୟନ୍ତୀ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। କେନ୍ଦ୍ରାପଡ଼ା ସହରର ପବ୍ଲିକ ଗ୍ରିଡ଼ିଂ ଗୁମ୍ଠାରେ ଅୟୋଜିତ ଉତ୍ସବରେ ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୀର ସଭରକରଙ୍କ କ୍ରାନ୍ତିକାରୀ ଜୀବନ ଉପରେ ଆଲୋକପାତ କରିବା ସହିତ ତାଙ୍କ ଆଦର୍ଶରେ ଯୁବ ସମାଜ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମାଜିକ କର୍ମୀ ଜ୍ୟୋତିରଞ୍ଜନ ନାୟକ ଦେଶ ପାଇଁ ବୀର ସଭରକରଙ୍କ ତ୍ୟାଗ ଅତୁଳନୀୟ ବୋଲି କହିଥିଲେ। ଦୀର୍ଘକାଳ ଧରି ଜେଲର କଳାକୋଠରୀ ଭିତରେ ରହି ସେ ଭାରତମାତାର ମୁକ୍ତି ପାଇଁ ସଂଗ୍ରାମ ଜାରି ରଖିଥିଲେ।



ସଭରକରଙ୍କ ଜୟନ୍ତୀ ସଭାରେ ଯୋଗ ଦେଇଥିବା ଅତିଥି।

ବୀର ସଭରକର ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, କବି, ଖବରଦାତା, ସଂସ୍କାରବାଦୀ ଜନନେତା ଥିଲେ ବୋଲି ମୁଖ୍ୟବକ୍ତା ନାୟକ ମତବ୍ୟକ୍ତ କରିଥିଲେ। ମାତୃଦତ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀକାନ୍ତ ସାହୁ, ଜ୍ଞାନ ରଞ୍ଜନ ଦାସ, ସୁଶାନ୍ତ ନାୟକ, ନିରଞ୍ଜନ ମହାରଣା, ପଙ୍କଜ ସିହ୍ନା, ମଳୟ କୁମାର ସାହୁ, ବଳରାମ ବେହେରା, ରାଜେନ୍ଦ୍ର ମହାପାତ୍ର, ହରେକୃଷ୍ଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବୀରେନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବୀର ସଭରକରଙ୍କ ଜୀବନୀକୁ ନେଇ କବିତା ପାଠ କରାଯାଇଥିଲା।

## ଭାଗବତ ପ୍ରଚାର ସମିତି ଓଡ଼ିଶା ପକ୍ଷରୁ କର୍ମଶାଳା

ପଟ୍ଟାମୁଣ୍ଡାଇ, ୨୯।୫ (ଅକ୍ଷୟ ବିଶ୍ୱାଳ)

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକର ନରସିଂହପୁର ଶରତ ଦେବ ବାବା ମଠରେ ମଙ୍ଗଳବାର ସକାଳେ ଭାଗବତ ପ୍ରଚାର ସମିତି ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଭାଗବତ ପ୍ରଚାର ସମିତିର ପଟ୍ଟାମୁଣ୍ଡାଇ ବ୍ଲକର ସମ୍ପାଦକ ବ୍ରଜବନ୍ଧୁ ଦାଶ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଭାଗବତ ପ୍ରଚାର ସମିତିର କେନ୍ଦ୍ରାପଡ଼ା ଜିଲା ସମ୍ପାଦକ ପ୍ରଦୀପ୍ତ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଅକ୍ଷୟ କୁମାର ବିଶ୍ୱାଳ ଓ ଭୂପତି ପ୍ରସାଦ ନାୟକ ଯୋଗଦେଇ ପଟ୍ଟାମୁଣ୍ଡାଇ ବ୍ଲକର ଭାଗବତ ଟୁଙ୍ଗିଗୁଡ଼ିକୁ ଅବହେଳିତ ହେଉଥିବା ନେଇ ମତପ୍ରକାଶ କରିଥିଲେ। ଏପରିକି ସରକାରଙ୍କଠାରୁ ଭାଗବତ ଟୁଙ୍ଗି ନିମନ୍ତେ ଆସୁଥିବା ଅନୁଦାନକୁ ଅଦ୍ୟାବଧି କୌଣସି ଭାଗବତ ଟୁଙ୍ଗି ନିକଟରେ ପହଞ୍ଚି ନ ଥିବା ବିଷୟରେ ବ୍ଲକରୁ ଆସିଥିବା ନେତୃବୃନ୍ଦମାନେ ମତପ୍ରକାଶ କରି ସରକାରଙ୍କ ଉପରେ ବର୍ଷି ଥିଲେ।

କେନ୍ଦ୍ରାପଡ଼ା ଜିଲାପାଳଙ୍କ ପ୍ରତିଶ୍ରୁତିକ୍ରମେ ପଟ୍ଟାମୁଣ୍ଡାଇର ୧୩ଟି ଭାଗବତ ଟୁଙ୍ଗି ରେଜିଷ୍ଟ୍ରେଶନ କରିବା ନିମିତ୍ତ ସମସ୍ତ କାଗଜପତ୍ର ୬ରୁ ୭ ମାସ ହେବ ଦାଖଲ ହୋଇସାରିଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ କି ଆକାଉଣ୍ଟକୁ ଅନୁଦାନ ରାଶି ପ୍ରଦାନ କରାଯାଇନାହିଁ। ଏହି ସଭାରେ ଭାରତୀ ସାମଲ, ଜନ୍ମେଜୟ ମହାପାତ୍ର, ବେବିନା ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ନିଜର ମତ ପ୍ରକାଶ କରିଥିଲେ।

## ତାଳଚୁଆରେ ବିଜେଡିର ନିର୍ବାଚନୀ ସଭା

ରାଜନଗର, ୨୯।୫ (ଭାସ୍କର ରାଉତରାୟ)

ରାଜନଗର ନିର୍ବାଚନମଣ୍ଡଳୀର ତାଳଚୁଆଠାରେ ବିଜେଡି ପକ୍ଷରୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ତାଳଚୁଆ ପଞ୍ଚାୟତର ଡାଲଖାଇ ଛକରୁ ବାଇକ୍ ଶୋଭାଯାତ୍ରା କେରୁଆଁପାଳ, ରଙ୍ଗଣୀ, ବାଘମାରୀ, ତାଳଚୁଆ ପଞ୍ଚାୟତର ସମସ୍ତ ଗାଁ ପରିକ୍ରମା କରିବା ପରେ ତାଳଚୁଆଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ରାଜନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ନିର୍ବାଚନୀ ସଭାରେ ବିଜେଡିର ଷ୍ଟାର ପ୍ରଚାରକ ତଥା ଓଲିଉଡର ସୁପରଷ୍ଟାର ସବ୍ୟସାଚୀ ଓ ଅର୍ଚ୍ଚିତା ଯୋଗ ଦେଇ ରାଜନଗର ନିର୍ବାଚନମଣ୍ଡଳୀରେ ୫ ବର୍ଷରେ ହୋଇଥିବା ବିକାଶ ଧାରାକୁ ଆଗେଇ ନେବା ପାଇଁ ବିଧାୟକ ଭାବେ ଧ୍ରୁବ ସାହୁଙ୍କୁ ଓ ସାଂସଦ ଭାବେ ଅଂଶୁମାନ ମହାନ୍ତିଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ବିଜେଡିର ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ୫ବର୍ଷରେ ଅଞ୍ଚଳରେ କରିଥିବା ବିକାଶର ଲମ୍ବା ତାଲିକା ରଖିବା ସହ ଆଗାମୀ ୫ ବର୍ଷରେ ବିକାଶକୁ ଦ୍ୱିଗୁଣିତ କରିବା ସହ ତାଳଚୁଆ ଅଞ୍ଚଳକୁ ସମୃଦ୍ଧିର ଶୀର୍ଷରେ ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ନିର୍ବାଚନୀ ସଭାରେ ରାଜ୍ୟ ଯୁବ ମହିଳା ବିଜେଡି ମହାସଚିବ ଏଲିନା ଦାସ, ତାଳଚୁଆ ସରପଞ୍ଚ ସ୍ୱର୍ଣ୍ଣଲତା ମଣ୍ଡଳ, ବରିଷ୍ଠ ବିଜେଡି ନେତା ମଦନ ଦେବନାଥ, ଅମଳ କୁମାର ପ୍ରଧାନ, ଲକ୍ଷ୍ମୀଧର ବାରିକ, ସୁଧୀର ପାଲ, ବିଜୟ ନାୟକ, ବାଘମାରୀ ସମିତିସଭ୍ୟ ମନୋରଞ୍ଜନ ମଣ୍ଡଳ, ପୂର୍ବତନ ସରପଞ୍ଚ ମୁକ୍ତି କୁମାର ପାତ୍ର, ରଙ୍ଗଣୀ ସମିତିସଭ୍ୟ ତପନ କୁମାର ସାହୁ ପ୍ରମୁଖ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ।



ନିର୍ବାଚନୀ ସଭାରେ ଦଳୀୟ ନେତୃବୃନ୍ଦଙ୍କ ସହ ସିନେ ଅଭିନେତା ସବ୍ୟସାଚୀ ଓ ଅର୍ଚ୍ଚିତା।

## ଭାଜପାକୁ ଭୋଟ ଦିଅ, ସୁଭଦ୍ରା ଯୋଜନାରେ ୫୦ହଜାର ମିଳିବ

■ ଉତ୍ତରପ୍ରଦେଶର ମହିଳା ଦେଖାଉଛନ୍ତି ପ୍ରଲୋଭନ

■ ହେଉଛି ଫର୍ମ ପୂରଣ

ରାଜନଗର, ୨୯।୫ (ଭାସ୍କର ରାଉତରାୟ)

ପ୍ରଧାନମନ୍ତ୍ରୀ ମୋଦିଜୀ ଓଡ଼ିଶାର ଭଉଣୀମାନଙ୍କୁ ନମସ୍କାର ଜଣାଇଛନ୍ତି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିବା ଦରକାର। ଆପଣମାନେ ଭାଜପାକୁ ଭୋଟ ଦିଅନ୍ତୁ। ପ୍ରତ୍ୟେକ ମହିଳାଙ୍କ ଆକାଉଣ୍ଟକୁ ୫୦ହଜାର ଟଙ୍କା ଲେଖାଏ ଆସିବ। ଆମେ ଆଜି ଏଥିପାଇଁ ଫର୍ମ ପୂରଣ କରୁଛୁ, ନାଁ ଓ ନମ୍ବର ନେଉଛୁ। ୩୦ଦିନ ଭିତରେ ପ୍ରତ୍ୟେକ ଭଉଣୀଙ୍କ ଆକାଉଣ୍ଟକୁ ୫୦ହଜାର ଟଙ୍କା ଲେଖାଏ ଆସିବ। ସରକାର ପରିବର୍ତ୍ତନ କଲେ ଏହି ଟଙ୍କା ଆସିବ। ଆମେ ଉତ୍ତରପ୍ରଦେଶ(ୟୁପି)ରେ ପରିବର୍ତ୍ତନ କରିବା ପରେ ଆମେ ଏହା ପାଇଥିଲୁ। ଆପଣମାନେ ଭାଜପାକୁ ଭୋଟ ଦିଅନ୍ତୁ, ଡବଲ ଇଞ୍ଜିନ ସରକାର ଆଣନ୍ତୁ, ଏହି ଟଙ୍କା ମିଳିବ ବୋଲି ଉତ୍ତରପ୍ରଦେଶରୁ ଆସିଥିବା ମହିଳାମାନେ ଗାଁ ଗାଁରେ ଅନ୍ଧାରିଆ ମିଟିଂ କରି ପ୍ରଲୋଭନ ଦେଖାଉଛନ୍ତି। ୟୁପିରୁ ଆସିଥିବା ରଜନୀ ତୋମାର ନିଜର ପରିଚୟ ଦେବା ସହ ଏହି ପ୍ରଲୋଭନ ଦେଖାଉଛନ୍ତି। ସେ ଏକା ନୁହନ୍ତି ୧୫ଜଣ ମହିଳା ତାଙ୍କ ସହ ୟୁପିରୁ ଆସିଛନ୍ତି। ରାଜନଗର ନିର୍ବାଚନମଣ୍ଡଳୀରେ ରହି ସୁଭଦ୍ରା ଯୋଜନା ପାଇଁ ଫର୍ମପୂରଣ କରୁଥିବା ନେଇ ସୂଚନା ଦେଉଛନ୍ତି। ଉତ୍ତରପ୍ରଦେଶର ଏହି ମହିଳାମାନଙ୍କ ଭୋଟରଙ୍କୁ ପ୍ରଲୋଭନ ଦେଖାଇବା ଘଟଣାକୁ ନେଇ ଭିତରଗଡ ପଞ୍ଚାୟତରେ ସ୍ଥାନୀୟ ଲୋକେ ବିରୋଧ କରିବା ସହ ମହିଳାଙ୍କୁ ଘେରାଉ କରି ରଖିବା ସହ ଗାଡି ଅଟକ ରଖିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ମୁକୁଳାଇଥିବା ଜଣାପଡ଼ିଛି। ନିର୍ବାଚନ ଆଚରଣ ବିଧି ଥିବା ବେଳେ ଓ ନିର୍ବାଚନକୁ ଆଉ ୩ ଦିନ ଥିବାବେଳେ ବାହାର ରାଜ୍ୟର ମହିଳାମାନେ ମହିଳାମାନଙ୍କୁ ପ୍ରଲୋଭନ ଦେଖାଇବା ଓ ଫର୍ମପୂରଣ କରିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବାରୁ ଏ ନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ ନିର୍ବାଚନ କମିଶନକୁ ଜଣାଇଥିବା ନେଇ ସୂଚନା ଦେଇଛନ୍ତି।



ରାତିରେ ଜଣେ ଲୋକଠାରୁ ଦସ୍ତଖତ ନିଆଯାଉଛି।

## ସଂକ୍ଷେପରେ

### ସୋହାନି ଉପଶାସ୍ତ୍ରୀର ମହାବିଦ୍ୟାଳୟ ଟପ୍ପର



ଆସିକା,୨୯।୫(ସୁରେନ୍ଦ୍ର ନାଥ ସାହୁ): ଆସିକା ମେକ୍ ମାଇକେଲ ସଂସ୍କୃତ ମହାବିଦ୍ୟାଳୟର ଉପଶାସ୍ତ୍ରୀ ପରୀକ୍ଷାରେ ସୋହାନି କୁମାରୀ ବେହେରା ଟପ୍ପର ହୋଇଛନ୍ତି। ସେ ୪୪୩ ମାର୍କ ରଖିଥିବା ଜଣାଯାଇଛି । ଏହି ମହାବିଦ୍ୟାଳୟର ଉପଶାସ୍ତ୍ରୀ ପରୀକ୍ଷାରେ ସମୁଦାୟ ୮୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୮ଜଣ ପାସ କରିଛନ୍ତି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୮ଜଣ, ଦ୍ୱିତୀୟ ଶ୍ରେଣୀରେ ୬୫ଜଣ ଓ ତୃତୀୟ ଶ୍ରେଣୀରେ ୫ଜଣ ପାସ କରିଥିବା କଲେଜ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସ ସୂଚନା ଦେଇଛନ୍ତି।

### ଜି.ଲାବଣ୍ୟା ବାଣିଜ୍ୟ ବିଭାଗରେ ଛତ୍ରପୁର ବ୍ଲକ ଟପ୍ପର



ଛତ୍ରପୁର, ୨୯।୫ (ଦିଲୀପ ସାମଲ): ଚଳିତମାସ ଯୁକ୍ତ ୨ ପରୀକ୍ଷାରେ ଛତ୍ରପୁର ବ୍ଲକ ଜି.ଏନ ପଲାଣ୍ଟା ଗ୍ରାମର ଛାତ୍ରୀ ଜି.ଲାବଣ୍ୟା ବାଣିଜ୍ୟ ବିଭାଗରେ ବ୍ଲକ ଟପ୍ପର ହୋଇଛନ୍ତି। ସେ ୫୦୯ ମାର୍କ ରଖି ଟପ୍ପର ହୋଇଥିବା ଜଣାପଡିଛି। ସିନ୍ଦୁରାପଲ୍ଲୀ ସ୍ଥିତ ସେଣ୍ଟ ଜୁଡ କଲେଜରେ ଅଧ୍ୟୟନ କରୁଥିଲେ। ଏହି ସଫଳତା ପାଇଁ କଲେଜ ସମସ୍ତ ଅଧ୍ୟାପକ,ଅଧ୍ୟାପିକାଙ୍କ ସମେତ ପରିବାର ସଦସ୍ୟଙ୍କ ଶ୍ରେୟ ବୋଲି କହିଥିଲେ।

### ବିପୁଲିଙ୍ଗିରେ ରାମଚରିତ ମାନସ କାର୍ଯ୍ୟକ୍ରମ

ଛତ୍ରପୁର, ୨୯।୫ (ଦିଲୀପ ସାମଲ): ବିପୁଲିଙ୍ଗି ଗ୍ରାମରେ ନବଦିନ ବ୍ୟାପୀ ରାମଚରିତ ମାନସ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରାୟ ୪୦ ଜଣ ସନ୍ଥ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। କଞ୍ଚୁରୁ ମଠ ମହନ୍ତ ତଥା ବ୍ରହ୍ମପୁର ରାମାଧୀନ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହରିହର ଦାଶ ଅଧ୍ୟକ୍ଷତା କରିଥିଲେ। ଭାଗବତ ଭାସ୍କର ପଣ୍ଡିତ ଜଗନ୍ନାଥ ପଣ୍ଡା, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ସନ୍ଥ ମଦନ ଗୋପାଳ ମହାରାଜ, ସନ୍ଥ ରାମକୃଷ୍ଣ ଦାଶ ମହାରଜା, ପରମାନନ୍ଦ ଦାଶ ମହାରାଜ, ରାଧାକାନ୍ତ ଦାଶ ମହାରାଜ, ସୁନ୍ଦର ରାମଦାଶ ମହାରାଜ, ଚିନ୍ମୟ ମିଶନର ପ୍ରଚାରକ ସାମୀ ଓଁକାରନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବରିଷ୍ଠ ଖବରଦାତା ରବି ରଥ ମଞ୍ଚାସୀନ ଥିଲେ। ପାଞ୍ଚ ଜଣ ବିଶିଷ୍ଟ ଆଧ୍ୟାତ୍ମିକବାଦୀ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

# ଖାଉଟି ଆଇନର ଉଲ୍ଲଂଘନ, ଅବକାରୀ ବିଭାଗ ଚୁପ

ପାରଳାଖେମୁଣ୍ଡି, ୨୯।୫ (ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମାଠାରୁ ଆରମ୍ଭ କରି ଜିଲାର ସମସ୍ତ ବ୍ଲକ ଯଥା କାଶୀନାଗର ବ୍ଲକର ରାଣୀପେଣ୍ଠ, ଗୋସାଣି ଗୁରାଣ୍ଡି, ଗାରାବନ୍ଧା ରାୟଗଡ ଓ ମୋହନାରେ ଥିବା ସମସ୍ତ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦଦୋକାନ ଗୁଡିକରେ ଗ୍ରାହକମାନଙ୍କୁ ଚଢ଼ା ଦରରେ ମଦ ବିକ୍ରି କରାଯାଇ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। ଧାର୍ଯ୍ୟ ଦରଠାରୁ ୩୦ଟଙ୍କାରୁ ଅଧିକ ଦରରେ ବିଦେଶୀ ମଦ ବିକ୍ରି ହେଉଥିବା ବେଳେ ଖୋଲାଖୋଲି ଖାଉଟି ଆଇନର ଉଲ୍ଲଂଘନ ହେଉଥିବା ଅଭିଯୋଗ ହେଉଛି। ଏଠାରେ ଧାର୍ଯ୍ୟ ଦରଠାରୁ



ଅଧିକ ଦରରେ ବିକ୍ରି ହେଉଛି ବିଦେଶୀ ମଦ। ଖାଉଟି ଆଇନ ଅନୁଯାୟୀ କୌଣସି ସାମଗ୍ରୀରେ ଲେଖାଥିବା ଦର ଠାରୁ ଅଧିକ ଦରରେ ଦୋକାନୀ ବିକ୍ରି କରିପାରିବେ ନାହିଁ । ତେବେ ଏହି ନିୟମକୁ ଫୁଁ କରି ଉଡ଼ାଇ ଦେଉଛନ୍ତି ବିଦେଶୀ ମଦ ଦୋକାନୀ। ଖାଲି ସେତିକି ନୁହେଁ, ଅବକାରୀ ଆଇନରେ ଉଲ୍ଲେଖଥିବା ନିର୍ଦ୍ଦେଶନାମାକୁ ମଧ୍ୟ ଉଲ୍ଲଂଘନ କରାଯାଉଛି। ଏହାକୁ ବିରୋଧ କଲେ ଦୋକାନୀମାନେ ଲୋକଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ଅଧିକ ଦର ନ ଦେଲେ ସାମଗ୍ରୀ ଦେଉନାହାନ୍ତି। ଏ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଦୋକାନୀମାନଙ୍କୁ ବିଲ ମାଗିଲେ ନାଲି ଆଖି ଦେଖାଉଥିବା ଅଭିଯୋଗ କରିଛନ୍ତି ଗ୍ରାହକ। ସେପଟେ ଗଜପତି ଜିଲା ଆନ୍ଧ୍ର ସୀମାନ୍ତରେ ରହିଥିବା ହେତୁ ପ୍ରତିଦିନ ଲକ୍ଷାଧିକ ଟଙ୍କାର କାରବାର ହେଉଛି। ତେବେ ଦୋକାନୀମାନଙ୍କ ଏପରି ନିୟମ ଉଲ୍ଲଂଘନକୁ ସ୍ଥାନୀୟ ଅବକାରୀ ବିଭାଗ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ବିଭାଗ ସବୁ ଜାଣିଶୁଣି ଚୁପ ରହୁଥିବା ଜଣାପଡ଼ିଛି। ଦୋକାନ ସମ୍ମୁଖରେ ମଦ ଦର ଚାର୍ଟ ଲଗାଇବାର ନିୟମ ଥିବା ବେଳେ ଦୋକାନୀମାନେ ତାହା କରୁନଥିବା ଦେଖିବାକୁ ମିଳୁଛି। ଏ ନେଇ ଅବକାରୀ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଯୋଗାଯୋଗ ହୋଇପାରିନାହିଁ।

# ପାହିରେଜୁ ଅଞ୍ଚଳରୁ ଆଇଇଡି ଜବତ

ଫୁଲବାଣୀ,୨୯।୫(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାର ମାଓବାଦୀ ପ୍ରବଣ ଅଞ୍ଚଳ ଭାବେ ପରିଚିତ ଫିରିଙ୍ଗିଆ ବ୍ଲକର ପାହିରେଜୁ ଅଞ୍ଚଳରୁ ବିଏସ୍ଏଫ ଯବାନମାନେ ବୁଧବାର ଏକ ଶକ୍ତିଶାଳୀ ଆଇଇଡିକୁ ଜବତ କରିଛନ୍ତି। ପରେ ବୋମା ନିଷ୍କ୍ରିୟକାରୀ ଟିମ୍ ସେଠାରେ ପହଞ୍ଚି ଏହାକୁ ନିଷ୍କ୍ରିୟ କରିଥିଲେ। ଗୋଚ୍ଛାପଡ଼ା ଥାନା ପାହିରେଜୁ ପଞ୍ଚାୟତ ତିଲକାପଙ୍ଗାର ସାଧାରଣ ଜଙ୍ଗଲ ଅଞ୍ଚଳରେ ଆଇଇଡି ରହିଥିବା ବିଏସ୍ଏଫକୁ ଖବର ମିଳିଥିଲା। ସୂଚନାକୁ ଆଧାର କରି ବିଏସ୍ଏଫ ଜବାନମାନେ ପାହିରେଜୁରୁ ଅପରେଶନ୍ ଆରମ୍ଭ କରିଥିଲେ। ବିଏସ୍ଏଫ୍ ଟ୍ରୁପ୍ ଏବଂ ପୋଲିସ୍ ପ୍ରତିନିଧି ଟାର୍ଗେଟ୍ ଅଞ୍ଚଳରେ ପହଞ୍ଚିବା ପରେ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିଲା। ସନ୍ଧାନ ସମୟରେ



ଜବତ ହୋଇଥିବା ଆଇଇଡି।

ଜଙ୍ଗଲ ଭିତରେ ଏକ ଶକ୍ତିଶାଳୀ ଆଇଇଡି ଉଦ୍ଧାର କରାଯାଇଥିଲା। ଏହାପରେ ବୋମା ନିଷ୍କ୍ରିୟ ଟିମ୍ ଆସି ଏହାକୁ ନିଷ୍କ୍ରିୟ ଅବା ବିଚ୍ଛିନ୍ନ କରିଥିଲେ।

ସୁଚନାଯୋଗ୍ୟ, ଗତ ୨୭ ତାରିଖରେ କୋଟଗଡ ବ୍ଲକରେ ପୋଲିସ ଇନଫର୍ମର ସନ୍ଦେହରେ ଦୁର୍ଗାପାଙ୍ଗା ପଞ୍ଚାୟତର ବାଡ଼ିପଙ୍ଗା ଗାଁର ମେଟଲା ରଇତଙ୍କୁ ଘରୁ ଡାକି ନେଇ ହତ୍ୟା କରିଥିଲେ। ଏହା ପରେ ସେହି ଅଞ୍ଚଳରେ କୋମ୍ବିଂ ଅପରେଶନ ବେଳେ ଟିଫିନ ବୋମା ଉଦ୍ଧାର କରାଯାଇଥିଲା।

# କୃଷ୍ଣସାର ମୃଗ ମୃତଦେହ ଉଦ୍ଧାର

ଆସିକା,୨୯।୫(ସୁରେନ୍ଦ୍ର ନାଥ ସାହୁ):

ଆସିକା ବନାଞ୍ଚଳର ନାରାୟଣପୁର ଗ୍ରାମଠାରୁ ଅଳ୍ପ ଦୂରରେ ଥିବା ଏକ ଜଳାଶୟ ନିକଟରୁ ବୁଧବାର ଏକ ଅଣ୍ଡିରା କୃଷ୍ଣସାର ମୃଗର ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ବନ ବିଭାଗ ପକ୍ଷରୁ ଏହାକୁ ଆସିକା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ବ୍ୟବଚ୍ଛେଦ



ପରେ ପୋତି ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ସୂଚନା ଦେଇଛନ୍ତି। ପ୍ରାୟ ୩ ଫୁଟ ସିଂଘ ଥିବା କୃଷ୍ଣସାରଟିର ବୟସ ପ୍ରାୟ ୧୦ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ମୃତ ଶରୀରର ଅବସ୍ଥିତିରୁ କୃଷ୍ଣସାରଟି ଦୁଇ ତିନି ଦିନ ପୂର୍ବରୁ ମୃତ୍ୟୁ ଘଟିଥିବା ଅନୁମାନ କରାଯାଇଛି । ତେବେ କେଉଁ ପରିସ୍ଥିତିରେ ତାହାର ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇନାହିଁ।

# ଅଘୋଷିତ ବିଦ୍ୟୁତ କାଟ୍‌କୁ ନେଇ ସହରରେ ବଢୁଛି ଜନଅସନ୍ତୋଷ

ପାରଳାଖେମୁଣ୍ଡି, ୨୯।୫ (ଗିରିଧାରୀ ପରିଛା):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଓ ଆଖପାଖ ଅଞ୍ଚଳରେ ଗତ କିଛିଦିନ ହେଲା ଅଘୋଷିତ ବିଦ୍ୟୁତକାଟ ହେଉଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ପୂର୍ବସୂଚନା ନ ଦେଇ ଗତ ଏକ ମାସ ହେଲା ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ ହେଉଛି। ଟାଟା ପାୱାର ବିଦ୍ୟୁତ ଆବଣ୍ଟନ ଦାୟିତ୍ୱ ନେବା ପରେ ଉପଭକ୍ତାଙ୍କୁ ଦାଉ ସାଧୁଛି। ଦିନତମାମ ବିଦ୍ୟୁତ ଗାଏବ ହେଉଛି। ରାଜ୍ୟରେ ଗ୍ରୀଷ୍ମପ୍ରବାହ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଜିଲାରେ ମଧ୍ୟ ପାରଦ ୪୨ଡିଗ୍ରୀରୁ ଅଧିକ ରହୁଛି। ତା' ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଲୋକେ ନାହିଁନଥିବା ଅସୁବିଧାରେ ପଡୁଛନ୍ତି। ଗତ ଏକ ସପ୍ତାହରୁ ଉର୍ଦ୍ଧ୍ୱ ହେଲା ରାତିରେ ମଧ୍ୟ ବିଦ୍ୟୁତ ବିଭ୍ରାଟ ଦେଖିବାକୁ ମିଳୁଛି। ଗୋଟିଏ ପଟେ ବିଦ୍ୟୁତ କମ୍ପାନୀ ବିଲ୍ ବଢ଼ାଇ ଶୋଷଣ କରୁଥିବା ବେଳେ ଅନ୍ୟପଟେ ବିଦ୍ୟୁତ କାଟ୍ କରି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଥିବା ଚର୍ଚ୍ଚା ହେଉଛି। ଏନେଇ ବିଭାଗୀୟ ଯନ୍ତ୍ରୀ କିମ୍ବା ଟୋଲଫ୍ରି ନମ୍ବରକୁ ଫୋନ କଲେ କାହାରି ପାଖରେ ଉତ୍ତର ମିଳୁନାହିଁ। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଅନେକ କାମ ସମ୍ପାଦନା ହୋଇପାରୁନାହିଁ। ସେହିପରି ମୋବାଇଲ ଟାୱାରଗୁଡିକ ମଧ୍ୟ ଠିକ ଭାବେ କାର୍ଯ୍ୟକ୍ଷମ ହେଉନାହିଁ। ସେହିପରି ଗୋସାଣି ବ୍ଲକରେ ମଧ୍ୟ ଅହେତୁକ ବିଦ୍ୟୁତ କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏନେଇ ଗାରବନ୍ଧ, ଗୋଷାଣି, ଜଙ୍ଗଲପାଡୁ, ଉପଲଡା ଆଦି ଅଞ୍ଚଳବାସୀ କହିଛନ୍ତି, ଯଦି ଆଗାମୀ ଦିନରେ ପୁନର୍ବାର ଏପରି ବିଦ୍ୟୁତ ବିଭ୍ରାଟ ଦେଖାଯାଏ ତେବେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ। ଏଥିରେ ଆଇନ ଶୃଙ୍ଖଳା ବିଗିଡିଲେ କେବଳ ଟିପିଏସ୍ଓଡିଏଲ ହିଁ ଦାୟୀ ରହିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

### ସପ୍ତାହକରେ ୧୦୦ ଅସାମାଜିକ ବ୍ୟକ୍ତି ଗିରଫ

ଛତ୍ରପୁର,୨୯।୫ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗଞ୍ଜାମ ପୋଲିସ ଜିଲାରେ ଅପରାଧ ରୋକିବା ଏବଂ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ ପାଇଁ ସ୍ପେଶାଲ ଡ୍ରାଇଭ ଚାଲିଛି। ଗୋଟିଏ ସପ୍ତାହରେ ବିଭିନ୍ନ ଥାନା ପୋଲିସ ପକ୍ଷରୁ ୧୦୦ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଜିଲାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଏହାର ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଏଥିସହ ଏମାନଙ୍କ ଠାରୁ ମାରଣାସ୍ତ୍ର ଜବତ କରିବା ଉପରେ ଫୋକସ ରହିଛି। ଏମାନେ ହତ୍ୟା, ହତ୍ୟା ଉଦ୍ୟମ, ଲୁଟ, ଚୋରି ମାମଲାରେ ସମ୍ପୃକ୍ତ ଥିବା କୁହାଯାଇଛି ।

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

ଛତ୍ରପୁର,୨୯।୫(ସନ୍ତୋଷ ପାଢ଼ୀ): ଚମାଖଣ୍ଡି ଥାନା ଅନ୍ତର୍ଗତ ତଥା ଟାଙ୍ଗଣାପଲ୍ଲୀ ଗ୍ରାମ ପଞ୍ଚାୟତ ଅଧୀନସ୍ଥ କେଟିଏନପୁର ଗ୍ରାମରେ ଗତ ୨୫ ତାରିଖ ଦିନ ତାଙ୍କ ସ୍ୱାମୀ ବଂଶୀ ପ୍ରଧାନ ମଦ ପିଇ ସ୍ତ୍ରୀ ସୀତା (୩୦)ଙ୍କୁ ମାଡ଼ ମାରି ମୁଣ୍ଡ ଫଟାଇ ଦେଇଥିଲେ। ପୂର୍ବରୁ ମଧ୍ୟ ସେ ମାଡ଼ ମାରୁଥିଲେ ବୋଲି କୁହାଯାଇଛି । ମାଡ଼ ଭୟରେ ସ୍ତ୍ରୀ ସୀତା ପ୍ରଧାନ ନିଜର ବାପା ଘର କେଟିଏନପୁର ଗ୍ରାମରେ ପିଲାମାନଙ୍କୁ ଧରି ରହୁଥିଲେ ମଧ୍ୟ ରାଗ କ୍ରୋଧାନିତ ହୋଇ ନିଜ ଶଶୁର ଘରକୁ ଯାଇ ତାଙ୍କୁ ମାଡ ମାରିଥିଲେ। ଏ ନେଇ ମଙ୍ଗଳବାର ସୀତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଚମାଖଣ୍ଡି ଥାନା ପୋଲିସ ବଂଶୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

### ମା' ବୁଢୀ ଠାକୁରାଣୀଙ୍କ ନୂତନ ଭଣ୍ଡାର ଗୃହ ପ୍ରତିଷ୍ଠା ଉତ୍ସବ

ଚାନ୍ଦିପୁଟ,୨୯।୫(କେ ପ୍ରମୋଦ କୁମାର ଦୋରା)–ଚାନ୍ଦିପୁଟ ସ୍ଥିତ ମା' ବୁଢ଼ୀ ଠାକୁରାଣୀଙ୍କ ନୂତନ ଭଣ୍ଡାର ଗୃହ ପ୍ରତିଷ୍ଠା ଓ ନୂତନ ନଳକୂପ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବ କର୍ତ୍ତା ସୂର୍ଯ୍ୟ ନାରାୟଣ ମହାନ୍ତି ଏବଂ ତପନ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ସମସ୍ତ ଭକ୍ତଗଣଙ୍କ ଉପସ୍ଥିତିରେ ହୋମ ଯଜ୍ଞ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶୁଭେନ୍ଦୁ ମହାନ୍ତି, ରଞ୍ଜନ ବିଜୁଳି, କାହ୍ନୁଚରଣ ବିନ୍ଧାଣୀ, ଚନ୍ଦ୍ରକେତୁ ବିଜୁଳି, ଶଙ୍କର ମହାକୁଡ, ରବୀନ୍ଦ୍ର ବେହେରା, ମନୋଜ କାର୍ଜୀ ଏବଂ ଗ୍ରାମର ସମସ୍ତ ଯୁବକ ପ୍ରତିଷ୍ଠା ଉତ୍ସବ ପରିଚାଳନା କରିଥିଲେ।

# ବାର୍‌ହା ଶିକାର ପାଇଁ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ଜବତ

ଖଣ୍ଡପଡ଼ା,୨୯।୫(ଅଜୟ କୁମର ମହାରଣା)

ଉଚ୍ଚଶକ୍ତି ସମ୍ପନ୍ନ ୧୧କେଭି ବିଦ୍ୟୁତ୍ ତାରରୁ ଚୋରାରେ ବିଦ୍ୟୁତ୍ ସଂଯୋଗ ନେଇ ଜଙ୍ଗଲରେ ବାର୍‌ହା ଶିକାର କରିବା ପାଇଁ କେତେଜଣ ବ୍ୟକ୍ତି ଯୋଜନା କରିଥିଲେ। କୌଣସି ବିଶେଷ ସୂତ୍ରରୁ ଖବର ପାଇ ସିଂଘାପଡା ବନ ବିଭାଗ କର୍ମଚାରୀମାନେ ମଙ୍ଗଳବାର ରାତିରେ ଘଟଣା ସ୍ଥଳରେ ପହଞ୍ଚି ଖଣ୍ଡପଡ଼ା ବ୍ଲକ୍ ଅଧୀନ କିଆଝର ପଞ୍ଚାୟତର ଭଅଁରପଲ୍ଲୀ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ସଂଯୋଗ



କରାଯାଇଥିବା ବିପୁଳ ପରିମାଣର ବିଦ୍ୟୁତ ତାରକୁ ଜବତ କରିଛନ୍ତି। ଜଙ୍ଗଲ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାରରୁ ଅସାମାଜିକ ବ୍ୟକ୍ତିମାନେ ଚୋରାରେ ବିଦ୍ୟୁତ ତାର ସଂଯୋଗ କରିଥିଲେ। ଜବତ ବିଦ୍ୟୁତ୍ ତାରକୁ ବିଦ୍ୟୁତ ବିତରଣ କମ୍ପାନୀକୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାରରେ ହୁକ୍ ପକାଇବା ଯୋଗୁ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଫଳରେ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସାମାଜିକ ବ୍ୟକ୍ତି ଓ ଶିକାରୀମାନେ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାରରୁ ଚୋରାରେ ସଂଯୋଗ ନେଇ ବାରହା ଶିକାର କରୁଛନ୍ତି। ଏଥିପାଇଁ ଅଧିକାଂଶ ସମୟରେ ଗୃହପାଳିତ ପ୍ରାଣୀ ଓ ଜାଳେଣି କାଠ ସଂଗ୍ରହ ପାଇଁ ଜଙ୍ଗଲକୁ ଯାଉଥିବା ବ୍ୟକ୍ତିମାନେ ସେହି ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଉଥିବା ନଜିର ରହିଛି। ଏଭଳି କାରନାମା ପଛରେ ସଂପୃକ୍ତ ଥିବା ଅସାମାଜିକ ବ୍ୟକ୍ତିମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ଛତ୍ରପୁର/ଗଞ୍ଜାମ, ୨୯।୫(ସନ୍ତୋଷ ପାଢ଼ୀ/ବିଦ୍ୟାଧର ସାହୁ)

ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ବେଣୀଗୋହିରି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ସ୍ୱାମୀ ପିଟି ପିଟି ସ୍ତ୍ରୀଙ୍କୁ ହତ୍ୟା କରିଥିବା ଝିଅର ପରିବାର ବର୍ଗ ରମ୍ଭା ଥାନାରେ ଅଭିଯୋଗ କରିଛନ୍ତି । ଏତଲାକୁ ଭିତ୍ତି କରି ସ୍ୱାମୀକୁ ପୋଲିସ ଅଟକ ରଖିଛି । ସୂଚନାଥାଉ କି, ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ନିମପଲି ଗ୍ରାମର କେ.ରଘୁନାଥଙ୍କ କନ୍ୟା କେ .ନମିତା ପାତ୍ରଙ୍କୁ ବେଣୀଗୋହିରି ଗ୍ରାମର କେ.ସନ୍ନ୍ୟାସୀ ପାତ୍ରଙ୍କ ପୁଅ କେ.ସନ୍ତୋଷ ପାତ୍ର ୧୫ ମାସ ତଳେ ବିବାହ କରିଥିଲେ। ବିବାହର ଦୁଇ ମାସ ପର୍ଯ୍ୟନ୍ତ ପରିବାର ଠିକ ଚାଲିଥିଲା । ପରେ ସ୍ୱାମୀ, ଶାଶୁ, ଶଶୁର ଓ ନଣନ୍ଦ ଅଧିକ ଯୌତକ ଦାବି କରି ନମିତାଙ୍କୁ ନିର୍ଯାତନା ଦେଇଆସୁଥିଲେ ବୋଲି ଅଭିଯୋଗ ହୋଇଛି । ମଙ୍ଗଳବାର ସ୍ୱାମୀ ସ୍ତ୍ରୀ ନମିତାଙ୍କୁ ଅତି ନୃଶଂସ ଭାବେ ପିଟି ପିଟି ହତ୍ୟା କରିଥିବା ତାଙ୍କ ଭାଇ ପି.ରମେଶ ପାତ୍ର ଲିଖିତ ଭାବେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ୪ଟା ବେଳେ ନମିତାଙ୍କ ଶଶୁର, ନମିତାଙ୍କ ଭାଇଙ୍କୁ ଫୋନ ଯୋଗେ ଭଉଣୀର ମୃତ ଖବର ଜଣାଇଥିଲେ । ନମିତାଙ୍କ ପରିବାର ବେଣୀଗୌରୀ ଗ୍ରାମରେ ପହଞ୍ଚି ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏତଲା କ୍ରମେ ପୋଲିସ ମାମଲା ରୁଜୁ କରି ସ୍ୱାମୀଙ୍କୁ ଅଟକ ରଖିଥିବା ପୋଲିସ କହିଛି। ବ୍ରହ୍ମପୁର ବଡ଼ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରଯାଇଥିଲା। ଉକ୍ତ ଘଟଣାରେ ସଂପୃକ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ନମିତାଙ୍କ ପରିବାର ଦାବି କରିଛନ୍ତି।

# ଅସହ୍ୟ ଗରମ ସହ ବିଦ୍ୟୁତ୍ କାଟ, ଲୋକେ ହନ୍ତସନ୍ତ

ଦାରିଙ୍ଗବାଡି,୨୯।୫ (ଅରୁଣ ସାହୁ )

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଆର୍ଦ୍ରତା ବୃଦ୍ଧି ଯୋଗୁ ତାପମାତ୍ରା ୩୯ ଡିଗ୍ରୀ ଛୁଇଁଛି। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ବୁଧବାର କନ୍ଧମାଳ ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଭଳି ଗ୍ରୀଷ୍ମ ପ୍ରବାହ ପ୍ରାୟ ୫ ବର୍ଷ ପରେ ହୋଇଥିବା କୁହାଯାଇଛି। ଗୋଟିଏ ପଟେ ଗରମ ଗୁଳୁଗୁଳି ବୃଦ୍ଧି ପାଇଥିବା ବେଳେ ଘନ ଘନ ବିଦ୍ୟୁତ୍ କାଟ ଯୋଗୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଦୈନିକ ଏଭଳି ବିଦ୍ୟୁତ୍ କାଟ ହୋଇଥିଲେ ସୁଦ୍ଧା ଏ ନେଇ ବିଭାଗ ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଅନ୍ୟପଟେ ଗରମ ବୃଦ୍ଧି ସହ ବିଭିନ୍ନ ସ୍ଥାନରେ ଜଳକଷ୍ଟ ଦେଖାଯାଇଛି କୂଅ, ପୋଖରୀଗୁଡିକରେ ଜଳ ଶୁଖିବାକୁ ଲାଗିଛି। ଯଦି ବର୍ଷା ନ ହୁଏ ତେବେ ଅଞ୍ଚଳରେ ପାଣି ପାଇଁ ଲୋକେ ଡହଳବିକଳ ହେବେ ବୋଲି କୁହାଯାଇଛି। ବୁଧବାର ୟେଲୋ ୱାର୍ନିଂ ଜାରି କରାଯାଇଥିବା ବେଳେ ରାସ୍ତାଘାଟ ଜନଶୂନ୍ୟ ହୋଇପଡିଛି। ଜରୁରୀ କାର୍ଯ୍ୟ ନ ଥିଲେ ଲୋକମାନେ ଘରୁ ପଦାକୁ ବାହାରୁ ନ ଥିବା ବେଳେ ଦୈନିକ ଶ୍ରମିକ କାର୍ଯ୍ୟ କରି ପରିବାର ଚଳାଉଥିବା ଲୋକେ ବହୁତ ହଇରାଣ ଭୋଗୁଛନ୍ତି।

# ବିଶ୍ୱ ମାସିକା ପରିଚ୍ଛନ୍ନତା ଦିବସ ପାଳିତ

ଫୁଲବାଣୀ/ଫିରିଙ୍ଗିଆ,୨୯।୫ (ରାକେଶ ରାଉତ /ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡା, ଲୁଇସିଂ, ପାହିରାଜୁ, କୁଏର୍ମାଣ୍ଡୁ ଓ ପକାରି ପଞ୍ଚାୟାତର ୨୫ ଗୋଟି ଗ୍ରାମରେ ଗତ ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଋତୁସ୍ରାବ ସଚେତନତା ସପ୍ତାହ ସ୍ୱାତୀ ଅନୁଷ୍ଠାନଙ୍କ ପରିଚାଳନାରେ ପାଳନ କରାଯାଇଛି। ଗ୍ରାମ ସ୍ତରରେ କିଶୋରୀମାନେ ନିଜର ଅନୁଭୁତି କହିବା ସହିତ ସମାଜରେ ହେଉଥିବା ଭେଦଭାବ ଉପରେ ଆଲୋକପାତ କରିଥିଲେ। କିଶୋରୀମାନେ ଋତୁସ୍ରାବ ବିଷୟକୁ ନେଇ ଗୀତ, ଚିତ୍ର ଓ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଝିଅ ମାନଙ୍କୁ ସାନିଟାରି ପ୍ୟାଡ ପ୍ରଦାନ କରିବା ସହ ଏହାର ବ୍ୟବହାର ଓ ସ୍ୱଚ୍ଛତା ଉପରେ ବୁଝାଯାଇଥିଲା।



ବିଭିନ୍ନ ଗ୍ରାମର ପାଖା ପାଖି ୩୦୦ ଜଣ କିଶୋରୀ ବାଳିକା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତ ପ୍ରତିନିଧୀ, ଅଙ୍ଗନବାଡି, ଆଶା ଓ ସ୍ୱାସ୍ଥ୍ୟ କର୍ମୀ ଯୋଗଦେଇ ତାଙ୍କର ସଚେତନତା ବାର୍ତ୍ତା ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ୱାତୀର କ୍ଷେତ୍ର କର୍ମୀ ମାନସ ରଞ୍ଜନ ପ୍ରଧାନ, ବିନ୍ଧ୍ୟାରାଣି ପ୍ରଧାନ, ରଶ୍ମିତା ଘିବାଲା, ଅନୁପମା କହଁର, ଅପରାଜିତା ଜାନି, ମାଣିକ ବେହେରା ଓ ଗୌତମ ମଲ୍ଲିକ ଏବଂ ବାଲନ୍ଦାପଡା ମା' ଗୃହର ସଦଶ୍ୟାମାନେ ପରିଚାଳନା କରିଥିବାବେଳେ, ବରିଷ୍ଠ କର୍ମୀ ପ୍ରଦୀପ କୁମାର ସ୍ୱାଇଁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ହରିଶଙ୍କର ରାଉତ ମାର୍ଗଦର୍ଶନ ଦେଇଥିଲେ।

# ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି

## ବଢୁଛି ଦେଶୀ ଥଣ୍ଡା ପାନୀୟର ଚାହିଦା

ରାଇକିଆ,୨୯।୫ (ପ୍ରଦୀପ ବେହେରା)

ମେ ମାସର ପ୍ରଚଣ୍ଡ ଖରାର ପ୍ରଭାବରେ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ପାଇଁ ରାସ୍ତାରେ ଯାଉଥିବା ବ୍ୟକ୍ତି ଟିଏ ଥଣ୍ଡା ପାନୀୟ ଖୋଜି ଥାଏ । କମ୍ପାନୀ ପ୍ରସ୍ତୁତ ବିଭିନ୍ନ ପ୍ରକାର ଥଣ୍ଡା ପାନୀୟ ବଜାରରେ ମିଳୁ ଥିଲେ ମଧ୍ୟ ଏସବୁକୁ ପଛରେ ପକାଇ ବିଭିନ୍ନ ଥଣ୍ଡା ପାନୀୟ ଦୋକାନରେ ଦେଶୀ ଥଣ୍ଡା ପାନୀୟ ଲେମ୍ବୁ ମିଶ୍ରି ପାଣିର ଚାହିଦା ଅଧିକା ଦେଖିବାକୁ ମିଳୁଛି। ବିଦେଶୀ ପାନୀୟ ଅପେକ୍ଷା ଲେମ୍ବୁ ମିଶ୍ରି ଓ ଭୁଷି ଦେହ ପକ୍ଷେ ହିତକର ବୋଲି ଅଧିକାରୁ ଅଧିକା ଗ୍ରାହକ ଏଥିପ୍ରତି ଆକର୍ଷିତ ହେଉଛନ୍ତି । ମାତ୍ର ୧୦ ଟଙ୍କାରେ ଗ୍ରାହକଙ୍କ ଶୋଷ ମେଣ୍ଟାଉଛି ଏହି



ଦେଶୀ ପାନୀୟ। ଦୀର୍ଘ ଦିନ ହେଲା ଥଣ୍ଡା ପାନୀୟ ବ୍ୟବସାୟ କରୁଥିବା ଶିବ ଦାସ କୁହନ୍ତି, ପୁର୍ବରୁ ବିଭିନ୍ନ କମ୍ପାନୀର କୋଲ୍ଡ ଡ୍ରିଙ୍କ୍ ଅଧିକ ବିକ୍ରୀ ହେଉଥିଲା। ଏବେ କିନ୍ତୁ ଲେମ୍ବୁ ମିଶ୍ରିର ଚାହିଦା ଅଧିକ। ଏହା ପେଟ ଥଣ୍ଡା ରଖିବା ସହ ସ୍ୱାସ୍ଥ୍ୟ ପକ୍ଷେ ହିତ କାରକ ହୋଇଥିବାରୁ ଗ୍ରାହକ ମୃଦୁ ପାନୀୟ ଅପେକ୍ଷା ଏଥି ପ୍ରତି ଅଧିକା ରୁଚି ଦେଖାଉଛନ୍ତି । ଚାରି ପାଞ୍ଚ ବର୍ଷ ତଳେ ଆମେ ପରୀକ୍ଷା ମୂଳକ ଭାବେ ଲେମ୍ବୁ, ମିଶ୍ରି ଓ ଭୃଷି ମିଶାଇ ଥଣ୍ଡା ପାନୀୟ ପ୍ରସ୍ତୁତ କରି ବିକ୍ରି ଆରମ୍ଭ କରିଥିଲୁ। ଏବେ ସମସ୍ତଙ୍କର ଏହା ପ୍ରଥମ ପସନ୍ଦ ହୋଇଛି। ପ୍ରବଳ ଖରା ଗରମ ଯୋଗୁଁ ଚା' ବ୍ୟବସାୟ ମାନ୍ଦା ରହୁଥିବା ବେଳେ ଏହାର ଚାହିଦା ବଢୁଛି । ଖରା ଦିନେ ଲେମ୍ବୁଠାରୁ ଆରମ୍ଭ କରି ମିଶ୍ରି, ଭୁଷିର ଦର ଅହେତୁକ ବୃଦ୍ଧି ପାଉଥିଲେ ମଧ୍ୟ ଗ୍ରାହକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପୁରୁଣା ଦରରେ ବିକ୍ରି କରୁଛୁ।

# ସିଇଓଙ୍କ ନିର୍ଦ୍ଦେଶକୁ ଶୁଣି ନ ଥିଲା ଆରସିଏସ୍

■ ଅଭିଯୋଗର ୨ ମାସ ପରେ ତଦନ୍ତ ନିର୍ଦ୍ଦେଶ
■ ରାଜନୈତିକ ସଂସ୍ଥା ପାଲଟିଛି ସମବାୟ ବ୍ୟାଙ୍କ

**ଯାଜପୁର,୨୯।୫(ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ଜିଲାର ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ)ଗୁଡ଼ିକରେ ଧାନ କିଣାରେ ଜାଲିଆତି ଅଭିଯୋଗ ବହୁ ପୁରୁଣା। ତେବେ ସମ୍ପ୍ରତି ନିର୍ବାଚନ ଚାଲିଥିବାବେଳେ କଟକ ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କ ବିଞ୍ଝାରପୁର ଶାଖା ଏକ ରାଜନୈତିକ ସଂସ୍ଥାରେ ପରିଣତ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଅଞ୍ଚଳବାସୀଙ୍କ ଅଭିଯାଗର ୨ ମାସ ଏବଂ ମୁଖ୍ୟ ନିର୍ବାଚନ କମିଶନ (ସିଇଓ)ଙ୍କ ନିର୍ଦ୍ଦେଶର ୧ ମାସ ଅତିକ୍ରାନ୍ତ ହେବା ପରେ ରାଜ୍ୟ ସମବାୟ ସମିତି ନିବନ୍ଧକ(ଆରସିଏସ୍)ପକ୍ଷରୁ ଯୁଗ୍ମ ନିବନ୍ଧକ ତାଙ୍କ ପତ୍ରସଂଖ୍ୟା ୯୯୫୧/୨୯।୪।୨୦୨୪ରେ ତୁରନ୍ତ ଏହାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଟକ ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ହୋଇଛି। ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ଭୋଟକୁ ଆଉ ମାତ୍ର ୨ ଦିନ ବାକି ଥିବାବେଳେ ପ୍ରଶାସନର ଏଭଳି ପଦକ୍ଷେପକୁ ସମାଲୋଚନା କରାଯାଇଛି।

ସୂଚନା ଅନୁଯାୟୀ, ଗତ ୨୫।୩।୨୦୨୪ରେ କଟକ ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କର ବିଞ୍ଝାରପୁର ଶାଖା ଅଧୀନ ସାମାଜିକ କର୍ମୀ ଓ ସୂଚନା ଅଧିକାର କର୍ମୀମାନେ ରାଜ୍ୟ ନିର୍ବାଚନ କମିଶନଙ୍କୁ ବ୍ୟାଙ୍କର ଜଣେ କର୍ମଚାରୀ ବ୍ୟାପକ ଅନିୟମିତତା କରୁଥିବା ଅଭିଯୋଗ କରିଥିଲେ। ସେମାନେ ତାଙ୍କ ଅଭିଯୋଗରେ ଆହୁରି ଦର୍ଶାଇଥିଲେ ଯେ, ନିର୍ବାଚନ ସମୟରେ କୌଣସି କର୍ମଚାରୀ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଗୋଟିଏ ଜାଗାରେ ରହି ପାରିବେ ନାହିଁ ବୋଲି ନିୟମ ରହିଛି। କିନ୍ତୁ କଟକ ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କର ବିଞ୍ଝାରପୁର ଶାଖାର ଜଣେ କର୍ମଚାରୀ ଦୀର୍ଘ ୩୪ ବର୍ଷ ହେଲା ସେଠାରେ କାମ କରୁଛନ୍ତି। ଜଣେ କର୍ମଚାରୀଙ୍କ ପାଇଁ ସରକାରୀ ନିୟମରେ କାହିଁକି ଏତେ ପରିବର୍ତ୍ତନ ବୋଲି ସେମାନେ ପ୍ରଶ୍ନ କରିଥିଲେ। ନିର୍ବାଚନ ଆଚରଣ ବିଧି ସମୟରେ ସେହି କର୍ମଚାରୀ ଜଣକ ଲୋକମାନଙ୍କୁ ଟଙ୍କା ବାଣ୍ଟୁଛନ୍ତି। ରାଜନୈତିକ ବ୍ୟକ୍ତିଙ୍କ ଇସାରାରେ କର୍ମଚାରୀ ଜଣକ ଉଠବସ ହେଉଛନ୍ତି। ତେଣୁ ତୁରନ୍ତ ସେହି କର୍ମଚାରୀଙ୍କୁ ବଦଳି କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ। ହେଲେ କଟକ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟର ଅଧିକାରୀ ଅଞ୍ଚଳବାସୀଙ୍କ ଉକ୍ତ ଦାବିକୁ କର୍ଣ୍ଣପାତ କରିନ ଥିଲେ। ଫଳରେ ସେମାନେ ରାଜ୍ୟ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମତେ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ପକ୍ଷରୁ ଡେପୁଟି ସେକ୍ରେଟାରୀ ଏସ. ପଟ୍ଟନାୟକ ତାଙ୍କ ପତ୍ରସଂଖ୍ୟା ୫୦୧୧/୨୯।୪।୨୦୨୪ରେ ଅଞ୍ଚଳବାସୀଙ୍କ ଅଭିଯୋଗ ଉପରେ ଉପଯୁକ୍ତ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ରାଜ୍ୟ ସମବାୟ ସମିତିର ନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶକୁ ଆଜକୁ ଠିକ ୧ ମାସ ଅତିକ୍ରାନ୍ତ ହୋଇ ସାରିଛି। ଏହି ୧ ମାସ ମଧ୍ୟରେ କର୍ମଚାରୀ ଜଣକ ଶାସକ ଦଳ ନେତାଙ୍କ ଇଙ୍ଗିତରେ ବହୁ ବେଆଇନ କାର୍ଯ୍ୟ କରି ସାରିଥିବାବେଳେ ସମବାୟ ସମିତି ନିବନ୍ଧକଙ୍କ ତଦନ୍ତ ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେବ ତାହା ଅସ୍ପଷ୍ଟ ହୋଇଛି । ଉକ୍ତ ବ୍ୟାଙ୍କରେ ଅନିୟମିତତାକୁ ଖୋଦ ନିଜସ୍ୱ ବିଭାଗ ଘଣ୍ଟି ଘୋଡାଇଥିବା ଏଥିରୁ ସ୍ପଷ୍ଟ ମନେ ହେଉଛି ବୋଲି ମତ ପ୍ରକାଶ ପାଇଛି।


OFFICE OF THE REGISTRAR OF COOPERATIVE SOCIETIES, ODISHA: BHUBANESWAR
RCSO-BANK1-BK-0153-2024-XIV- 20/11(Pt-1) 9951 Bank-3 /Dt. 29/5/24
To
The Chief Executive Officer,
Cuttack Central Cooperative Bank Ltd., Cuttack
Sub: Allegation petition filed by Sri Ramakanta Sahoo, Sr. Journalist and another against the illegal activities of Smt. Rashmiprava Sutar, Binjharpur Branch under Cuttack CCB Ltd.
Sir,
In enclosing herewith copy of Letter No.5011/Coop dated 29.04.2024 of Government of Odisha, Cooperation Department along with the allegation petition dated 25.03.2024 of Sri Ramakanta Sahoo, Sr. Journalist and another on the subject mentioned above, you are requested to enquire into the matter and furnish action taken report to this office immediately for onward transmission to Government as desired.
Yours faithfully,
Joint Registrar,
Cooperative Societies (Credit)
Memo No. 9952 dt. 29/5/24
Copy with enclosure forwarded to the Deputy Registrar, Cooperative Societies, Cuttack-II/ Deputy Registrar, Cooperative Societies, Jajpur for information and necessary action.
Joint Registrar,
Cooperative Societies (Credit)
Memo No. 9953 dt. 29/5/24
Copy with enclosure forwarded to the Managing Director, Odisha State Cooperative Bank Ltd., Bhubaneswar for information and necessary action.
Joint Registrar,
Cooperative Societies (Credit)
Memo No. 9954 dt. 29/5/24
Copy forwarded to the Deputy Secretary to Government, Cooperation Department for information and necessary action.
Joint Registrar,
Cooperative Societies (Credit)

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବାବୁ


@ ଦିବ୍ୟକାନ୍ତ



@ ସ୍ୱାଧୀନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୮ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଯାଜପୁରରୋଡ୍,୨୯।୫ (ପବିତ୍ର ରଞ୍ଜନ ମହାନ୍ତି):**

ଅବକାରୀ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ବୁଧବାର ଦାମୋଦରପୁର ଛକରେ ଚଢ଼ାଉ କରାଯାଇ ୮ କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିସହିତ ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସାରଙ୍ଗଧର ନାୟକ। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ବିଭୂପ୍ରସାଦ ସାହୁ ଦାମୋଦରପୁର ଛକରେ ଚଢ଼ାଉ କରିଥିଲେ। ଏହି ସମୟରେ ସାରଙ୍ଗଧର ଗଞ୍ଜେଇ ବିକିବାକୁ ଆଣୁଥିବା ଦେଖି ତାଙ୍କୁ ଗିରଫ କରିଥିଲେ। ଏନେଇ ବିଭାଗ ପକ୍ଷରୁ ନଂ.୪୮/୨୪ରେ ଏକ ମାମଲା ରୁଜୁ ହୋଇଛି। ଚଢ଼ାଉରେ ଏସ୍ଆଇ ଶ୍ରୀକାନ୍ତ ପଣ୍ଡା, ଏସ୍ଆଇ କ୍ଷୀରୋଦ କୁମାର ସାହୁ, କର୍ମଚାରୀ ବିକ୍ରମ ବେହେରା, ସତ୍ୟବାଦୀ ଭୋଇ ଓ ଲିପ୍ସା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ଭାଜପା ରୋଡ୍ ଶୋ'ରେ ବ୍ୟବହୃତ ବାଣରୁ ଅଗ୍ନିକାଣ୍ଡ


ଅଗ୍ନିକାଣ୍ଡରେ ଜଳିଯାଇଥିବା କାଠ ତିଆରି ସାମଗ୍ରୀ ଦୋକାନ ।

**ବିଞ୍ଝାରପୁର,୨୯।୫(ରାମକୃଷ୍ଣ ଦାସ):**

ଭାଜପା ରୋଡ୍ ଶୋ'ରେ ବ୍ୟବହୃତ ବାଣରୁ ବିଞ୍ଝାରପୁର ଥାନା ଛକରେ ବୁଧବାର ମଧ୍ୟାହ୍ନରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଥାନାଛକର ଏକ କାଠ ତିଆରି ସାମଗ୍ରୀ ଦୋକାନ ସମ୍ପୂର୍ଣ୍ଣ ଜଳିପୋଡି ଭସ୍ମ ହୋଇଯାଇଛି।

ସୂଚନା ମୁତାବକ, ମାଇଁନ୍ଦା ଛକରୁ ସିଂହପୁର ପର୍ଯ୍ୟନ୍ତ ଭାଜପାର ରୋଡ୍ ଶୋ' କାର୍ଯ୍ୟକ୍ରମ ଥିଲା। ଏହି ଶୋଭାଯାତ୍ରା ବିଞ୍ଝାରପୁର ଥାନା ଛକ ସଲଗ୍ନ ଭାଜପା କାର୍ଯ୍ୟାଳୟ ନିକଟରେ ମଧ୍ୟାହ୍ନରେ ପହଞ୍ଚିଥିଲା। ସେଠାରେ ଭାଜପାର ଯାଜପୁର ଲୋକ ସଭା ପ୍ରାର୍ଥୀ ଓ ବିଞ୍ଝାରପୁର ବିଧାନସଭା ପ୍ରାର୍ଥିନୀଙ୍କୁ ସ୍ୱାଗତ କରିବାକୁ ଯାଇ କର୍ମୀମାନେ ବାଣରେ ଆତସବାଜି କରିଥିଲେ। ବାଣ ଫୁଟିବାରୁ ନିଆଁ ଛିଟିକି ଯାଇ ମୁନସପ ଅଲ୍ଲିଖାଁଙ୍କ ଘରେ ଦୋକାନ କରିଥିବା ମାନସ ବିନ୍ଧାଣୀଙ୍କ କାଠ ସାମଗ୍ରୀ ଦୋକାନ ଉପରେ ପଡ଼ିଥିଲା। ଫଳରେ ଚାହୁଁ ଚାହୁଁ ଦୋକାନ ଜଳି ଉଠିଥିଲା। ଏହି ଦୋକାନରେ କାଠ କାମ ଜିନିଷ ବିକ୍ରି ହେଉଥିବାରୁ ନିଆଁକୁ ଆୟତ କରାଯାଇ ପାରି ନ ଥିଲା। ପରେ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଦୋକାନରେ ଥିବା ବିପୁଳ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ବିଞ୍ଝାରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଘଟଣାକୁ ନେଇ କାଠ ଦୋକାନୀ ମାନସ ବିନ୍ଧାଣୀ ଭାଜପା ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଦଶମ ଶ୍ରେଣୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା


ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କାଏମା,୨୯।୫(ଶିବ ପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼ କାଏମା ପଞ୍ଚାୟତର ଲାଲ ବାହାଦୁର ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପ୍ରଗତି ବି ମଣ୍ଡଳ ୫୫୨ ନମ୍ବର ରଖି ବ୍ଲକ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରରିପ୍ରେକ୍ଷୀରେ ବିଦ୍ୟାଳୟ ପକ୍ଷରୁ ଶିକ୍ଷୟିତ୍ରୀଶିକ୍ଷକ, ମୋ ସ୍କୁଲ ଅଭିଯାନ ସଭାପତି ଓ ଅନ୍ୟ କାର୍ଯ୍ୟକାରୀ ସଦସ୍ୟମାନେ ମଙ୍ଗଳାବର ତାଙ୍କ ଘର ପାଖରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରାଜଶ୍ରୀ ପଣ୍ଡା, ଶିକ୍ଷକ ଅନିଲ ମହାରଣା, ବିଜୟ କୁମାର ଦାସ, ଶିକ୍ଷୟିତ୍ରୀ ଗୀତା ମହାନ୍ତି ଓ ଶିକ୍ଷୟିତ୍ରୀ ଶୁଭ ସଙ୍ଗୀତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଲାଲବାହାଦୁର ଉଚ୍ଚ ବିଦ୍ୟାଳୟର ମୋଟ୍ ୮୩ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବାବେଳେ ୮୨ଜଣ ପାସ୍ କରିଛନ୍ତି। ସେଥିମଧ୍ୟରୁ ଏ- ୧ ଓ ଏ -୨ରେ ଜଣେ ଲେଖାଏ ପିଲା ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବି -୧ରେ ଦୁଇ ଜଣ, ବି -୨ରେ ୭ ଜଣ , ସି ରେ ୧୬ ଜଣ , ଡିରେ ୩୨ ଜଣ ଏବଂ ଇରେ ୨୩ ଜଣ ପିଲା ପାସ୍ କରିଛନ୍ତି। ଜଣେ ଫେଲ୍ ହୋଇଛନ୍ତି।

## ଧର୍ମଶାଳା ଛାତ୍ର ବିଜେଡି ପକ୍ଷରୁ ପଦଯାତ୍ରା

**ଧର୍ମଶାଳା,୨୯।୫(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଛାତ୍ର ବିଜେଡି ପକ୍ଷରୁ ଜାରକା ବଜାରରେ ବିଶାଳ ପଦଯାତ୍ରା କରାଯାଇଛି। ଜାରକା ଶାନ୍ତି ବଜାରସ୍ଥ ସାର୍ଥକ ହସ୍ପିଟାଲଠାରୁ ନୂଆ ଗାଁ ସ୍ଥିତ ବିଜେଡି କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାରେ ଆସି ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ଛାତ୍ର ବିଜେଡିର କର୍ମକର୍ତ୍ତା। ଛାତ୍ର ସମାଜ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଓ ପ୍ରଣବ କୁମାର ବଳବନ୍ତରାୟଙ୍କୁ ତୃତୀୟ ଥର ବିଧାୟକ ଭାବେ ବିଜୟୀ କରିବାର ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏହି ପଦଯାତ୍ରାରେ ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସେମାନେ ଶାନ୍ତି ବଜାରରୁ ଶୋଭାଯାତ୍ରାରେ ଜାରକା ବଜାର ଦେଇ ଯିବା ସମୟରେ ରାସ୍ତା ପାର୍ଶ୍ୱରେ ବହୁ ସଂଖ୍ୟାରେ ଲୋକେ ସ୍ୱାଗତ ଜଣାଇଥିଲେ। ଶୋଭାଯାତ୍ରାର ନେତୃତ୍ୱ ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ନେଇଥିଲେ। ଜିଲା ଛାତ୍ର ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ ଏବଂ ବ୍ଲକ୍ ଛାତ୍ର ସଭାପତି ଜଗଦାନନ୍ଦ ରାଉତ ଏହାକୁ ପରିଚାଳନା କରିଥିଲେ।

## ଆଜି ବରୀରେ ଧର୍ମେନ୍ଦ୍ରଙ୍କ ପ୍ରଚାର

**ବରୀ,୨୯।୫(ମହେନ୍ଦ୍ର ସ୍ୱାଇଁ):**

ବରୀ ନିର୍ବାଚନମଣ୍ଡଳୀରେ ବିଜେଡି, ଭାଜପା, କଂଗ୍ରେସ ଓ ସ୍ୱାଧୀନ ବିଧାୟକ ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାର କାର୍ଯ୍ୟକ୍ରମକୁ ଜୋର୍‌ଦାର କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ଦେବାଶିଷ ନାୟକ ଘରକୁ ଘର ବୁଲି ସମର୍ଥନ ହାତେଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଶାସକ ଦଳ ତରଫରୁ ଅଟିରା ପଞ୍ଚାୟତସ୍ଥିତ ସନ୍ଥନ ମଠ ପଡ଼ିଆଠାରେ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କ ପାଇଁ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ପ୍ରଚାର କରିଛନ୍ତି। ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରୀ ଆସି ଭାଜପା ବିଧାୟକ ପ୍ରାର୍ଥୀ ଉମେଶ ଜେନାଙ୍କ ପାଇଁ ପ୍ରଚାର କରିବେ ବୋଲି ସୂଚନା ମିଳିଛି। ବରୀ ବ୍ଲକ୍ ଅଧୀନ ରମାଦେବୀ ବାଳିକା ବିଦ୍ୟାଳୟ ପରିସରରେ ପୂର୍ବାହ୍ନ ୧୧ଟାରେ ଏହି ସଭା କରାଯିବ ବୋଲି ପାର୍ଟି ତରଫରୁ ସୂଚନା ଦିଆଯାଇଛି।

## ଚିନ୍ମୟ ମହାନ୍ତି ବିଜେଡିରୁ ନିଲମ୍ବିତ

**ଚଣ୍ଡିଖୋଲ,୨୯।୫(ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ୧୭ନଂ. ଜୋନ୍ ବିଜେଡି ସଭାପତି ଚିନ୍ମୟ ମହାନ୍ତିଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ କରଯାଇଛି। ଯାଜପୁର ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର ଚିନ୍ମୟଙ୍କୁ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତଥିବା ଅଭିଯୋଗରେ ନିଲମ୍ବନ କରିଛନ୍ତି।

## ପାରିଆ ପଞ୍ଚାୟତରେ ବର୍ଷାଙ୍କ ପ୍ରଚାର


ସମର୍ଥକଙ୍କ ସହ ବର୍ଷା ପ୍ରିୟଦର୍ଶିନୀ ପ୍ରଚାର କରୁଛନ୍ତି।

**ବଡ଼ଚଣା,୨୯।୫(ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ ପାରିଆ ପଞ୍ଚାୟତର ବାରୁଣିଆ ଗ୍ରାମରେ ପହଞ୍ଚି ପ୍ରଚାର କରିଛନ୍ତି। ସେ ଶତାଧିକ ପୁରୁଷ ଓ ମହିଳାଙ୍କ ଗହଣରେ ଘରଘର ବୁଲି ଭୋଟ୍ ମାଗିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ବିଜେଡି ସଭାପତି ସତ୍ୟବ୍ରତ ବିଶ୍ୱାଳ, ପୂର୍ବତନ ସରପଞ୍ଚ ମାନସ ପଣ୍ଡା, ସ୍ୱାଗତିକା ପଣ୍ଡା, ପୂର୍ବତନ ସମିତିସଭ୍ୟ ଶ୍ରୀକାନ୍ତ ବେହେରା, ବିଜୟ ପଣ୍ଡା, ଦୀପ୍ତିମୟୀ ବାରିକ, ମୀନାକ୍ଷୀ ପଣ୍ଡା, ସସ୍ମିତା ଲେଙ୍କା, ସ୍ୱପ୍ନାରଣୀ ସ୍ୱାଇଁ, ଭାଗ୍ୟଧର ପ୍ରଧାନ, ଗିରିଶ ନାୟକ, ଗୌରାଙ୍ଗ ରାଉତ, ଦେବାଶିଷ ବିଶ୍ୱାଳ, କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ, ଅକ୍ଷୟ ଲେଙ୍କା, ପ୍ରଭାତ ଜେନା, ଯଦୁନାଥ ସାହୁ, ଜୟକାନ୍ତ ରାଉତ, ଶୁକଦେବ ଦାଶ, ଜ୍ଞାନେନ୍ଦ୍ର ନାୟକ, ମଙ୍ଗୁଳି ପ୍ରଧାନ, ନିରାକାର ପାଢ଼ୀ, ଭରତ ମଲ୍ଲିକ, ସରୋଜ ଲେଙ୍କା, ରୋହିତ ମଲ୍ଲିକ, ଦିଲୀପ ସ୍ୱାଇଁ, କ୍ଷୀରୋଦ ବିଶ୍ୱାଳ, ଚକ୍ରଧର ଲେଙ୍କା ପ୍ରମୁଖ ସାମିଲ ହୋଇଥିଲେ।

## ସାମାଜିକ କର୍ମୀ ଶୈଳେନ୍ଦ୍ର ସାମଲଙ୍କ ପରଲୋକ

**ଚଣ୍ଡିଖୋଲ,୨୯।୫(ପ୍ରଦୀପ୍ତକୁମାରପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତ ବାହାଦୁର ନଗର ଗ୍ରାମର ଶୈଳେନ୍ଦ୍ର ସାମଲ(୭୨)ଙ୍କ ବୁଧବାର ଭୋର ସମୟରେ ପରଲୋକ ହୋଇଯାଇଛି। ସେ ଜଣେ ସାମାଜିକ କର୍ମୀ ଭାବେ ବେଶ ପରିଚିତ ଥିଲେ। ଗ୍ରାମରେ ଗୋପୀନାଥ ବିଦ୍ୟା ମନ୍ଦିର ପ୍ରତିଷ୍ଠା କରି ବହୁ ବ୍ୟକ୍ତିଙ୍କ ପ୍ରିୟ ଭାଜନ ହୋଇଥିଲେ। ଦୀର୍ଘଦିନ ହେଲା ଅସୁସ୍ଥ ହୋଇ କଟକରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତଦେହ ବାଲିଚନ୍ଦ୍ରପୁରଠାରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ଚାରିନଙ୍ଗଳ ପଞ୍ଚାୟତ ପରିକ୍ରମା କରି ବିଦ୍ୟାଳୟ ପରିସରକୁ



ନିଆଯାଇଥିଲା। ଏହାପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ତାଙ୍କ ପୁଅ ସମର୍ପିତ ସାମଲ ମୁଖାଗ୍ନି ଦେଇଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ପୋଲିସ ଶାସକ ଦଳକୁ ସୁହାଇଲା ଭଳି କାମ କରୁଛି: ଭାଜପା

### ଭାଜପା କର୍ମୀଙ୍କୁ ଆକ୍ରମଣ ଘଟଣା

**କଳିଙ୍ଗନଗର,୨୯।୫ (ଶୁଭାଶିଷ ରାଉତ):**



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଭାଜପା ନେତାମାନେ ।

ସୁକିନ୍ଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜଖପୁରା ଗ୍ରାମରେ ଗତ ୨୬ ତାରିଖରେ ଗ୍ରାମର ଭାଜପା କର୍ମୀ ହୃଷୀକେଶ ସାମଲଙ୍କୁ ଆକ୍ରମଣ କରିଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଏଯାଏ ଜଖପୁରା ପୋଲିସ ଗିରଫ କରୁନାହିଁ। ଏହାକୁ ନେଇ ଭାଜପା ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀ କରି କୁହାଯାଇଛି ଯେ, ସ୍ଥାନୀୟ ପୋଲିସ ଶାସକ ଦଳକୁ ସୁହାଇଲା ଭଳି କାମ କରୁଛି। ଏସ୍‌ପିଙ୍କଠୁ ଆରମ୍ଭ କରି ସ୍ଥାନୀୟ ଥାନାର ଆଇଆଇସି ଶାସକ ଦଳର ହାତ ବାରିଶି ସାଜିଛନ୍ତି। ଫଳରେ ଶାସକ ଦଳରେ ଗୁଣ୍ଡାରଜ କରୁଥିବା ବ୍ୟକ୍ତିଙ୍କୁ ଗିରଫ କରାଯାଉନାହିଁ। ଆମ କର୍ମୀଙ୍କୁ ବିଭିନ୍ନ ସ୍ଥାନରେ ଆକ୍ରମଣ କରାଯାଉଛି। ଏହାକୁ ନେଇ ଅଭିଯୋଗ କରିଲା ପରେ ମଧ୍ୟ କିଛି ସୁଫଳ ମିଳୁନାହିଁ। ସୁକିନ୍ଦାର ଅନେକ ସ୍ଥାନରେ ଶାସକ ଦଳ ପକ୍ଷରୁ ଆକ୍ରମଣ ହେଉଛି। ସେହିପରି ଜଖପୁରାରେ ଦିନ ଦ୍ୱିପହର ଶାସକ ଦଳ ପକ୍ଷରୁ ଗଣ୍ଡଗୋଳ ହେଉଥିବା ଅଭିଯୋଗ ଆଣିଛନ୍ତି ସୁକିନ୍ଦା ଯୁବ ଭାଜପା ସଭାପତି ବାବୁନି ରାଜ। ଯାହାକି ଦେଖି ବି ନ ଦେଖିଲା ପରି ବ୍ୟବହାର କରୁଛି ସ୍ଥାନୀୟ ପୋଲିସ। ସମସ୍ତ ଘଟଣା ପାଇଁ ପୋଲିସକୁ ଦାୟୀ କରିଛି ଭାଜପା। ଆଗାମୀ ଦିନରେ ଯଦି ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନଯାଏ ତେବେ ରାଜରାସ୍ତାକୁ ଓହ୍ଲାଇବା ସହ ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଓ ଥାନା ଘେରାଉ କରିବାକୁ ଭାଜପା ନେତାମାନେ ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାଜପା ନେତା ଦିଲୀପ ନାୟକ, ହଳଧର ନାୟକ, ଲିଟୁ ଜେନା ଓ ରାମ ଧଳ ପ୍ରମୁଖ ଯୋଗ ଦେଇଥିଲେ।

ସୂଚନାଯୋଗ୍ୟ, ହୃଷୀକେଶ ଭାଜପା ରାଲିରେ ଯିବାରୁ ତାଙ୍କୁ ବିଜେଡି କର୍ମୀ ରବୀନ୍ଦ୍ର ରାଉତ ଓ ତାଙ୍କ ପୁଅ ଅଭୟ ଆଶ୍ୱିନ ରାଉତ ମିଶି ଏକ କାତିରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ଦାନଗଦି ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେ ଏବେ ସେଠାରେ ଚିକିତ୍ସାଧୀନ ଅଛନ୍ତି।

# ଦଳେ ଅଣଓଡ଼ିଆ ଅସ୍ମିତାକୁ ସିନ୍ଧିକରି ଚୋରି କରୁଛନ୍ତି: ଧର୍ମେନ୍ଦ୍ର

ଜଗତ୍‌ସିଂହପୁର, ୨୯।୫ (ପ୍ରମୋଦ କୁମାର ନାୟକ)



ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ, ବିଧାୟକ ପ୍ରାର୍ଥୀ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଜଗତ୍‌ସିଂହପୁର ଜିଲାର ଭାଜପା ସାଂସଦ ଓ ବିଧାୟକ ପ୍ରାର୍ଥୀମାନଙ୍କ ପାଇଁ ମାରାଥନ ପ୍ରଚାର କରିଛନ୍ତି। ସେ ଜଗତ୍‌ସିଂହପୁର, ପାରାଦୀପ ଓ ତିର୍ତ୍ତୋଲ ବିଧାନସଭା କ୍ଷେତ୍ରରେ ଅନୁଷ୍ଠିତ ପୃଥକ୍ ସଭାରେ ଯୋଗଦେଇ ରାଜ୍ୟ ସରକାର ବିଶେଷକରି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ଉପରେ ବର୍ଷିଥିଲେ। ପ୍ରାରମ୍ଭରୁ କେତେଜଣ ଅଣଓଡ଼ିଆଙ୍କ ନାଁ ନ ନେଇ ସେମାନେ ରାତିଅଧରେ ଓଡ଼ିଆ ଅସ୍ମିତାକୁ ସିନ୍ଧି ଚୋରି କରୁଛନ୍ତି। ଜଣେ କ୍ରୀତଦାସ, ପର ପାଖରେ ମୁଣ୍ଡ ବିକିଥିବା ଲୋକ ଗୁମାସ୍ତାଗିରି କରୁଛନ୍ତି। ସେମାନେ ଭାବୁଛନ୍ତି ଓଡ଼ିଶାରେ ଯୁବକ, ମାତୃଶକ୍ତି କି ବିବେକି ଲୋକ ନାହାନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ଲୋକେ ଏହାର ଜବାବ ଦେବେ। ନିର୍ବାଚନରେ ଓଡ଼ିଶାରେ ୨୧ରୁ ୨୧ ଲୋକ ସଭା ସାଂସଦ ପଦବୀ ଭାଜପା ହାତକୁ ଆସିବ।

୨୪ ବର୍ଷ ହେଲା ବିଜେଡି ସରକାର ଚାଲିଛି। କିନ୍ତୁ ଜଗତ୍‌ସିଂହପୁର ଭଳି ଜିଲାବାସୀଙ୍କୁ ଏ ପର୍ଯ୍ୟନ୍ତ ପାଇପରେ ପିଇବା ପାଣି ମିଳିଲା ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ପାଇଁ ୧୦ ହଜାର କୋଟି ଟଙ୍କା ଦେଇଥିଲେ ସୁଦ୍ଧା ଏହି ଅର୍ଥ ତାମିଲ ଠିକାଦାରଙ୍କ ପକେଟକୁ ଯାଇଛି। କେବଳ ଏତିକି ନୁହେଁ, ଜଗତ୍‌ସିଂହପୁର ଭଳି ଜିଲାରେ ଏପର୍ଯ୍ୟନ୍ତ ଚାଷ ଲାଗି ସମ୍ପୂର୍ଣ୍ଣ ଜଳସେଚନ କରାଯାଇ ପାରିନାହିଁ। ଶିକ୍ଷକ, ଡାକ୍ତର ପଦବୀ ଖାଲି ପଡ଼ିଛି। ଯୁବକଙ୍କୁ ରୋଜଗାର ମିଳୁନି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ବିଭିନ୍ନ ସ୍ଥାନରେ ହକି ଓଡ଼ିଶା ଲେଖାଯାଇଛି। କିନ୍ତୁ ଜଗତ୍‌ସିଂହପୁରରେ କେହି ହକି ଖେଳନ୍ତି କି ବୋଲି ଧର୍ମେନ୍ଦ୍ର ଉପସ୍ଥିତ ଲୋକଙ୍କୁ ପ୍ରଶ୍ନ କରିଥିଲେ। ହକି ଖେଳରେ ମୁମ୍ବାଇରୁ ନର୍ତ୍ତକୀ ଆଣି ନଚେଇବା ପାଇଁ ପାଣ୍ଡିଆନଙ୍କ ପାଖରେ ପଇସା ଅଛି, କିନ୍ତୁ ଓଡ଼ିଆ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଅର୍ଥ ନାହିଁ। ଏଠି ବ୍ଲକ ଗ୍ରାଣ୍ଟ ଶିକ୍ଷକଙ୍କୁ ଦରମା ନ ମିଳିବା ଦୁର୍ଭାଗ୍ୟଜନକ କଥା। ସମ୍ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଉପରେ ୨ଟି ଭିଡିଓ ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଘୂରି ବୁଲୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱର୍ଗତ ବିଜୁବାବୁଙ୍କ ପୁଅ। ସମସ୍ତଙ୍କ ନମସ୍ୟ। କିନ୍ତୁ ଓଡ଼ିଶାଟା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ମୁଖ୍ୟମନ୍ତ୍ରୀଙ୍କୁ ଏକ ଗ୍ୟାଙ୍ଗ କବଳିତ କରିରଖିବା ଚିନ୍ତାଜନକ କଥା। ଯେଉଁମାନଙ୍କ ଭିତରୁ ୨ ଜଣ ନିଲମ୍ବିତ ହୋଇସାରିଲେଣି। ଆଗକୁ ଅନେକ କିଛି ହେବାକୁ ଯାଉଛି। ଭାଇରାଲ ଭିଡିଓ ପ୍ରସଙ୍ଗରେ କହିଥିଲେ,

- ଜଗତ୍‌ସିଂହପୁର ଜିଲାରେ ଭାଜପାର ଜୋରଦାର ପ୍ରଚାର
- ହକି ଖେଳରେ ମୁମ୍ବାଇରୁ ନର୍ତ୍ତକୀ ଆଣି ନଚେଇବାକୁ ପାଖରେ ପଇସା ଅଛି
- ୨୪ ବର୍ଷରେ ରାଜ୍ୟରେ ଶିକ୍ଷକ, ଡାକ୍ତର ପଦବୀ ପୂରଣ ହେଲାନି
- ଦାଦନ ସଂଖ୍ୟା ଚିନ୍ତାଜନକ

କେନ୍ଦ୍ରାପଡ଼ାରେ ମୁଖ୍ୟମନ୍ତ୍ରୀ ପ୍ରଚାର କଲାବେଳେ ତାଙ୍କ ଦଳୀୟ ପ୍ରାର୍ଥୀ ପାଦ ଛୁଇଁବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହି ସମୟରେ ତାମିଲ ଗୁମାସ୍ତା ମୁଖ୍ୟମନ୍ତ୍ରୀଙ୍କୁ ଗୋଇଠା ମାରିଥିଲେ। ଆମ ସଂସ୍କୃତିରେ ଗୋଡ ବାଜିଗଲେ ବିଷ୍ଣୁ କୁହାଯାଏ। କିନ୍ତୁ ଜଣେ ତାମିଲ ଗୁମାସ୍ତା ଜାଣିଶୁଣି ମୁଖ୍ୟମନ୍ତ୍ରୀଙ୍କୁ ଗୋଇଠା ମାରି କିଛି ସଙ୍କେତ ଦେବା କେତେଦୂର ଗ୍ରହଣୀୟ ବୋଲି ଦୁଃଖପ୍ରକାଶ କରିଥିଲେ। ଏହା କେବଳ ମୁଖ୍ୟମନ୍ତ୍ରୀଙ୍କର ନୁହେଁ, ସାରା ଓଡ଼ିଶାର ଅପମାନ। ତେଣୁ ଏହାର ଜବାବ ସରକାର ପରିବର୍ତ୍ତନ କରି ଦେବାକୁ ପଡିବ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓଡ଼ିଆ ହେବେ। ତେଣୁ ଭାଜପା ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଅମରେନ୍ଦ୍ର ଦାସଙ୍କୁ ଜିତାଇବାକୁ ପଡିବ। କେନ୍ଦ୍ରରେ ମୋଦିଙ୍କ ହାତମୁଠା ଟାଣ କରିବାକୁ ହେଲେ ବିଭୁ ପ୍ରସାଦ ତରେଇଙ୍କୁ ଲୋକ ସଭା ସାଂସଦ କରିବାକୁ ହେବ ବୋଲି ଧର୍ମେନ୍ଦ୍ର କହିଥିଲେ। ଆୟୋଜିତ ସଭାରେ ଦଳ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ଦଳ ପୂର୍ବତନ ଜିଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ରନାଥ ବିଶ୍ୱାଳ, ପ୍ରତାପ ମିଶ୍ର, ଦେବୀଦତ୍ତ ମହାନ୍ତି, ପ୍ରସନ୍ନ ସ୍ୱାଇଁ, କ୍ରିଷ୍ଣା ମହାନ୍ତି, ଓମ ପ୍ରକାଶ ରାୟ, ପବିତ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାହାମାସ୍ଥିତ ଶାରଳା ମହାବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ସଭାରେ ନବୀନ ସରକାର ଓ ପାଣ୍ଡିଆନଙ୍କ ବିରୋଧରେ ଧର୍ମେନ୍ଦ୍ର ବର୍ଷିଥିଲେ। ଏହି ସଭାରେ ସେ ଭାଜପା ସରକାର ଜଗତ୍‌ସିଂହପୁର ଜିଲା ତଥା ରାଜ୍ୟର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ରାଜପଥ ନିର୍ମାଣ, ମତ୍ସ୍ୟଜୀବୀଙ୍କ ପାଇଁ ସହାୟତା, ବାର୍ଦ୍ଧକ୍ୟ ଭତ୍ତା ୩ ହଜାର, ସବୁ ଗରିବଙ୍କୁ ପକ୍କା ଘର, ଧାନ କୁଇଣ୍ଟାଲ ୩୧୦୦ଟଙ୍କା ଓ ୩୦୦ୟୁନିଟ୍ ମାଗଣା ବିଜୁଳି, ଶୌଚାଳୟ ଓ ଏଲ୍‌ପିଜି ସୁବିଧା ମିଳିବ ବୋଲି କହିଥିଲେ। ଏହି ଅବସରରେ ସେ ପାରାଦୀପ ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁଙ୍କୁ ଜିତାଇବା ପାଇଁ ଆହ୍ୱାନ ଦେଇଥିଲେ। ଶରଣାରବିନ୍ଦ ଓଝାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ହାସ୍ୟ ଅଭିନେତା ହରିହର ମହାପାତ୍ର ଯୋଗ ଦେଇଥିଲେ। ସେହିପରି ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଘୁନାଥପୁର ବ୍ଲକ ମାଖିମେଳା ପଡିଆରେ ଆୟୋଜିତ ସଭାରେ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଧର୍ମେନ୍ଦ୍ର ଚିନ୍ତାପ୍ରକଟ କରିବା ସହ ଏ ନେଇ କମିଟି ଗଠନ ହେବ ବୋଲି କହିଥିଲେ। ଭାଜପା ରାଜ୍ୟ କର୍ମକର୍ତ୍ତା ସଞ୍ଜୟ ଦାସଙ୍କ ପରିଚାଳନାରେ ଆୟୋଜିତ ସଭାରେ ଦଳ ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରାଙ୍କ ସମେତ ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ସ୍ମିତା ପ୍ରଧାନ, ଓମପ୍ରକାଶ ରାୟ, ସୁବାସ ଜେନା, ଅଶୋକ ମହାରଣା ଓ ରାଜ୍ୟ କାର୍ଯ୍ୟକର୍ତ୍ତା ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ଯୁବ ବିଜେଡି ସମ୍ପାଦକ ସୌମ୍ୟ ରାଉସିଂଙ୍କ କଂଗ୍ରେସରେ ଯୋଗଦାନ


କଂଗ୍ରେସ ଜିଲା ସଭାପତି ନଟବର ବାରିକଙ୍କ ଉପସ୍ଥିତିରେ ସୌମ୍ୟ ରାଉସିଂ ଦଳରେ ମିଶୁଛନ୍ତି।

ତିର୍ତ୍ତୋଲ, ୨୯।୫ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନାଉସିରାଠାରେ ଥିବା ବୀଣାପାଣି ମଣ୍ଡପରେ ବୁଧବାର ସନ୍ଧ୍ୟାରେ କଂଗ୍ରେସର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଜିଲା ଯୁବ ବିଜେଡି ସମ୍ପାଦକ ସୌମ୍ୟ ରାଉସିଂ ବିଜେଡି ପରିତ୍ୟାଗ କରି କଂଗ୍ରେସରେ ଯୋଗଦେଇଥିଲେ। କଂଗ୍ରେସର ଜିଲା ସଭାପତି ନଟବର ବାରିକଙ୍କ ଉପସ୍ଥିତିରେ ତାଙ୍କ ସମର୍ଥକଙ୍କ ସହ ସେ କଂଗ୍ରେସରେ ମିଶିଥିଲେ। ସାଧାରଣ ନିର୍ବାଚନର ଶେଷ ପର୍ଯ୍ୟାୟରେ ତିର୍ତ୍ତୋଲ କଂଗ୍ରେସ ତା'ର ଶକ୍ତି ବୃଦ୍ଧି କରିଛି। ବହୁ ବିଜେଡି ଏବଂ ଭାଜପା କର୍ମୀ ନିଜ ଦଳ ପରିତ୍ୟାଗ କରି କଂଗ୍ରେସ ଶିବିରରେ ଶକ୍ତି ବୃଦ୍ଧି କରିଛନ୍ତି। ଏଥିରେ ବ୍ଲକ କଂଗ୍ରେସ ସଭାପତି ନୀହାର ରଞ୍ଜନ ନାୟକ ସଭାପତିତ୍ୱ କରିଥିଲେ। ନିର୍ବାଚନ ପ୍ରଚାର କମିଟି ଅଧ୍ୟକ୍ଷ ଅକ୍ଷୟ ଦାସ, ପ୍ରଚାର କମିଟି ସଦସ୍ୟ ପ୍ରଶାନ୍ତ ଲେଙ୍କା, ଉପସଭାପତି ଧନଞ୍ଜୟ ସୂତାର, ପିସିସି ସଭ୍ୟ ତଥା ଗୋବିନ୍ଦପୁର ସମିତିସଭ୍ୟ ଦେବ ପ୍ରସାଦ ନାୟକ, ତିର୍ତ୍ତୋଲ ପଞ୍ଚାୟତ ସଭାପତି ଲଲାଟ କେଶରୀ ମହାପାତ୍ର, ଛପଡା ପଞ୍ଚାୟତ ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନ୍ୟ ଦଳ ପରିତ୍ୟାଗ କରିଥିବା ଶୁଭ୍ରଜିତ ପ୍ରଧାନ, କେଶବ ପଣ୍ଡା, ରଜନୀକାନ୍ତ ନାୟକ, ରାଜେନ୍ଦ୍ର ଦାସ, ରାକେଶ ମହାନ୍ତିଙ୍କ ସମେତ ଅନ୍ୟମାନେ କଂଗ୍ରେସରେ ଯୋଗଦାନ କରିଛନ୍ତି।

# ବିଜେଡିର ରୋଡ୍ ଶୋ' ବେଳେ ୨ ଗୋଷ୍ଠୀ ମୁହାଁମୁହିଁ

ନାଉଗାଁ, ୨୯।୫ (ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତରେ ବିଜେଡି ପକ୍ଷରୁ ରୋଡ ଶୋ' ଚାଲିଥିବା ବେଳେ ୨ ଗୋଷ୍ଠୀ ବୁଧବାର ମୁହାଁମୁହିଁ ହୋଇଛନ୍ତି। ଉଭୟପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଚକୁଳିପଡା ଗ୍ରାମର ଲିଙ୍କନ ମଲ୍ଲିକଙ୍କ ଅଭିଯୋଗ ମୁତାବକ, ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି କର୍ମୀମାନଙ୍କୁ ନେଇ ରୋଡ ଶୋ' କରୁଥିବା ବେଳେ ଜଳେଶ୍ୱରପଡା ନିକଟରେ କେତେଜଣ ଯୁବକ ବିଧାୟକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ। ଏହି ସମୟରେ ଲିଙ୍କନ ପ୍ରତିବାଦ କରିବାରୁ ଜାତିକୁନେଇ ଆକ୍ଷେପ କରିଥିଲେ। ଏପିରିକି ମରଣାନ୍ତକ ଆକ୍ରମଣ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷେ

**ଥାନାରେ ଲିଖିତ ଅଭିଯୋଗ**

ଜଳେଶ୍ୱରପଡା ଗ୍ରାମର ନଳିନୀ ମଲ୍ଲିକଙ୍କ ଅଭିଯୋଗ ମୁତାବକ ବିଜେଡି ପକ୍ଷରୁ ରାଲି ଆସୁଥିବା ବେଳେ ଆମ୍ଭେମାନେ ଦାଣ୍ଡରେ ଠିଆ ହୋଇ ଦେଖୁଥିଲୁ। ଏହି ସମୟରେ ଦଳର କେତେଜଣ କର୍ମୀ ଅସଭ୍ୟ ଭାଷାରେ ନାରା ଦେଇଆସୁଥିଲେ। ଏହାର ପ୍ରତିବାଦ କରିବାରୁ ମୋର ଜାତିକୁ ଆକ୍ଷେପ କରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ମୋତେ ମାରିବା ପାଇଁ ଟାଣି ଦେବାରୁ ମୁଁ ତଳେ ପଡିଗଲି। ମୋ ପାଖରେ ଥିବା ଯାଆ ମୋତେ ସେମାନଙ୍କ କବଳରୁ ଉଦ୍ଧାର କରିଥିଲେ। ଏପରିକି ମୋତେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ୨ଟି ଅଭିଯୋଗ ପାଇବା ପରେ ତଦନ୍ତ ଚାଲୁ ରହିଥିବା ଥାନାଧିକାରୀ ସଂଘମିତ୍ରା ନାୟକ ପ୍ରକାଶ କରିଛନ୍ତି।

# ଭାଜପାରେ ମିଶିଲେ ଜିଲାନାସୀ ସରପଞ୍ଚ

କୁଜଙ୍ଗ, ୨୯।୫ (ମନୋଜ ପ୍ରଧାନ)

ରାହାମାସ୍ଥିତ ଶାରଳା ମହାବିଦ୍ୟାଳୟ ଖେଳପଡିଆରେ ବୁଧବାର ପୂର୍ବାହ୍ନରେ ଭାଜପା ଶକ୍ତି ପ୍ରଦର୍ଶନ କରିବା ପରେ ସନ୍ଧ୍ୟାରେ ବିଜେଡି ସମର୍ଥିତ ଜଣେ ସରପଞ୍ଚଙ୍କୁ ତାଙ୍କ ଶିବିରକୁ ନେବାରେ ସକ୍ଷମ ହୋଇଛି। ସନ୍ଧ୍ୟାରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ଜିଲାନାସୀ ପଞ୍ଚାୟତରେ ଭାଜପା ପକ୍ଷରୁ ଯୁବ ନେତା ତପନ ସାମନ୍ତରାୟଙ୍କ ନେତୃତ୍ୱରେ ଆୟୋଜିତ ନିର୍ବାଚନୀ ଶୋଭାଯାତ୍ରା ସମୟରେ ସରପଞ୍ଚ ନଳିନୀ ପ୍ରଭା ପରିଡ଼ା ଓ ତାଙ୍କ ସମର୍ଥକ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଥିଲେ। ପାରାଦୀପ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ତାଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିବା ସହ ନିର୍ବାଚନକୁ ଆଉ ୩ ଦିନ ବାକି ଥିବା ବେଳେ ଜିଲାନାସୀ ସରପଞ୍ଚଙ୍କ ଭାଜପାରେ ଯୋଗଦାନ କିଛି ଅଲଗା ସୂଚାଉଛି। ଆୟୋଜିତ ଶୋଭାଯାତ୍ରାରେ ନଳିନୀ ସାମିଲ ହୋଇ ସମ୍ପଦଙ୍କ ସହିତ ଏମ୍‌ପି ପ୍ରାର୍ଥୀ ବିଭୁପ୍ରସାଦ ତରାଇଙ୍କ ପାଇଁ ପ୍ରଚାର କରିବା ସହ ପଦ୍ମ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ।

# ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାରକଲେ ଅନୁଭବ

ବାଲିକୁଦା, ୨୯।୫ (ତାପସ ସ୍ୱାଇଁ)

ବାଲିକୁଦା–ଏରସମା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ସତ୍ୟ ସାରଥି ମହାନ୍ତିଙ୍କ ପାଇଁ ବୁଧବାର ରୋଡ ଶୋ' ଓ ବିଜୟ ସଂକଳ୍ପ ସମାବେଶ ଜରିଆରେ ଭୋଟ ଭିକ୍ଷା କରିଥିଲେ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ ଓ କେନ୍ଦ୍ରାପଡା ସାଂସଦ ଓଲିଓଡ ଷ୍ଟାର ଅନୁଭବ ମହାନ୍ତି। ବାଲିକୁଦା ତହସିଲ ଛକସ୍ଥିତ ଦଳୀୟ କାର୍ଯ୍ୟାଳୟ ନିକଟରୁ ଏକ ବାଇକ୍ ଶୋଭାଯାତ୍ରାରେ ନିର୍ବାଚନମଣ୍ଡଳୀର ଶେଷ ମରିଚପୁର ପଞ୍ଚାୟତ ବାପୁଜୀ ଷ୍ଟାଡିୟମ ଯାଇଥିଲା। ସେଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ବିଧାୟକ ପ୍ରାର୍ଥୀ ମହାନ୍ତି ଓ ଏମପି ପ୍ରାର୍ଥୀ ବିଭୁ ପ୍ରସାଦ ତରାଇଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ତ୍ରିପୁରା ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ରାଜ୍ୟ ସଭା ସଦସ୍ୟ ବିପ୍ଳବ ଦେବ ଏହି ସାଧାରଣ ନିର୍ବାଚନ ଓଡ଼ିଶାବାସୀଙ୍କ ହକି ପାଇଁ ଓ ଯୁବ ପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ। ତେଣୁ ଦୁଇଥର ପଦ୍ମ ଫୁଲ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏପରିକି ଆସନ୍ତା ୧୦ ତାରିଖରେ ଜଣେ ଓଡ଼ିଆ ହିଁ ରାଜ୍ୟ ଭାଜପାର ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହେବେ। ପ୍ରଥମେ ସରକାର ଗଠନ



ସମାବେଶରେ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ, କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି, ବିଧାୟକ ପ୍ରାର୍ଥୀ ସତ୍ୟ ସାରଥି ମହାନ୍ତି ଓ ଅନ୍ୟମାନେ।

ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ କରାଯିବ। କାରଣ ତାଙ୍କ ଦାୟିତ୍ୱରେ ଥିବା ପାଣ୍ଡିଆନ ଷଡଯନ୍ତ୍ର କରି ତାଙ୍କ ସ୍ୱାସ୍ଥ୍ୟକୁ ଖରାପ ଦିଗକୁ ନେଇ ନିଜେ ଶାସନ କ୍ଷମତା ଉପଭୋଗ କଲା ଭଳି ମନେହେଉଛି ବୋଲି ସେ କହିଥିଲେ।

ସଭାରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ଓଲିଓଡ ଷ୍ଟାର ତଥା କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି ବିକଶିତ ଓଡ଼ିଶା ଗଠନ ପାଇଁ ମୋଦି ଗ୍ୟାରେଣ୍ଟି ଆବଶ୍ୟକ ବୋଲି କହିବା ସହ ଆମ ଜଗନ୍ନାଥ ସଂସ୍କୃତି ଓଡ଼ିଶାକୁ ଧ୍ୱସ୍ତ ବିଧ୍ୱସ୍ତ କରୁଥିବା ଜଣେ ତାମିଲ କଳା ପାହାଡ଼କୁ ଆଗାମୀଦିନରେ ଓଡ଼ିଶାରୁ ତଡିବାକୁ ଭାଜପା ସରକାର ଆଣିବା ଦରକାର ବୋଲି କହିଥିଲେ। ବର୍ତ୍ତମାନ ୨୫ ବର୍ଷ କ୍ଷମତାରେ ଥାଇ ସୁଦ୍ଧା ବାଲିକୁଦା–ଏରସମା ନିର୍ବାଚନମଣ୍ଡଳୀର

**ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ**

୩୫ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଥିବା ଏକ ଅପାରଗତା ସରକାରର ଲକ୍ଷଣ। ଏଣୁ ସତ୍ୟଙ୍କୁ ଜିତାଇଲେ ଏହି ସମସ୍ୟାର ସମାଧାନ ହେବ ବୋଲି କହିଥିଲେ। ଏପରିକି ଖୋଲା ମଞ୍ଚରେ ବିଜେଡି ନେତା ପାଣ୍ଡିଆନଙ୍କୁ ନବୀନ ବାବୁଙ୍କ ପରେ କିଏ ମୁଖ୍ୟମନ୍ତ୍ରୀ ବୋଲି ପ୍ରଶ୍ନ କରିବା ସହ ଯଦି ପାଣ୍ଡୁ ନିଜ ନାମ ଘୋଷଣା କରନ୍ତି ତେବେ ବିଜେଡି ଖାତା ଶୂନ ହୋଇଯିବ ବୋଲି ଚେତାବନୀ ଦେଇଥିଲେ। ଏପରିକି ଏମ୍‌ପି ଥାଇ ସୁଦ୍ଧା ରାଜ୍ୟର ସମସ୍ୟା ସମ୍ପର୍କରେ ଲୋକ ସଭାରେ କହିବା ପାଇଁ ସୁଯୋଗ ଦିଆଯାଇ ନ ଥିବା କ୍ଷୋଭର ବିଷୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରାର୍ଥୀ ସତ୍ୟ ଅବହେଳିତ ବାଲିକୁଦା–ଏରସମା ମାଟିର ସେବା ପାଇଁ ତାଙ୍କୁ ଥରେ ସୁଯୋଗ ଦେବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଭାଜପା ନେତାମାନଙ୍କ ମଧ୍ୟରେ ସୌମ୍ୟଜିତ ମହାପାତ୍ର, ମୋହିତ ମହାନ୍ତି, ଜଗନ୍ନାଥ ପ୍ରସାଦ ସ୍ୱାଇଁ, ଅମିତା ଦାସ, ଟୁକୁନା ରାଉତ, ଦୀପଙ୍କର ସ୍ୱାଇଁ, ଜନାର୍ଦ୍ଦନ ମହାନ୍ତି, ପ୍ରକାଶ ବେହେରା, ଗତିକୃଷ୍ଣ ଶତପଥୀ, ଶ୍ରୀକାନ୍ତ ଦାସ, ରାଜଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ତପନ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ବତନ ଜିଲା ପରିଷଦ ବିଜୟ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ନିଜ ଦଳ ପରିତ୍ୟାଗ କରି ଭାଜପାରେ ସାମିଲ ହୋଇଥିଲେ।

# କଂଗ୍ରେସର ନିର୍ବାଚନ ପ୍ରଚାର

ଏରସମା, ୨୯।୫ (ଦୀପ୍ତି ଖଣ୍ଡୁଆଳ)

ବାଲିକୁଦା–ଏରସମା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ନଳିନୀ ରଞ୍ଜନ ସ୍ୱାଇଁ ଏରସମା ବ୍ଲକର ପଲ୍ଲୀକଣ୍ଠା, ନାରଦିଆ, ସୋମପୁର, ଏରସମା, ଗୋଡ଼ା ଜାନକାଦେଇପୁର ପ୍ରଭୃତି ପଞ୍ଚାୟତରେ ନିର୍ବାଚନ ପ୍ରଚାର କରିଛନ୍ତି। ତାଙ୍କ ସହିତ ପ୍ରଚାରରେ ବାଲିକୁଦାର ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ସାମିଲ ହୋଇଥିଲେ। କଂଗ୍ରେସ କର୍ମୀମାନେ ପ୍ରତି ପଞ୍ଚାୟତକୁ ଯାଇ ସାଧାରଣ ଭୋଟରଙ୍କୁ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଶେଷରେ ଗୋଡ଼ା ବଜାରରେ ଏକ ସାଧାରଣ ସଭାରେ କଂଗ୍ରେସ ପ୍ରାର୍ଥୀ ସ୍ୱାଇଁ ଓ ପୂର୍ବତନ ବିଧାୟକ ମହାପାତ୍ର ଉପସ୍ଥିତ ହୋଇ ଉଭୟ ବିଜେଡି ଓ ଭାଜପା ଉପରେ ବର୍ଷି ଥିଲେ। ସଭାରେ ଏରସମା ବ୍ଲକ କଂଗ୍ରେସ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କଂଗ୍ରେସ ନେତା ସୁଦର୍ଶନ କାଣ୍ଡି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଦ୍ୱିଜରାଜ ଦାସ, ଅରୁଣ କୁମାର ରାଉତରାୟ, ଏରସମା ବ୍ଲକ୍ ଏସ୍‌ସି ମୋର୍ଚ୍ଚା ସଭାପତି ସୁଧାକର ଖଟୁଆ, ରବୀନ୍ଦ୍ର ସାହୁ, ସନ୍ତୋଷ ଲେଙ୍କା, ବସନ୍ତ ବିଶ୍ୱାଳ, ସମୀର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ହୋଇ କଂଗ୍ରେସକୁ ଭୋଟ ଦେବାକୁ କହିଥିଲେ।

# ନବୀନଙ୍କ କାର୍ଯ୍ୟଧାରାରେ ବିରୋଧୀ ଚକିତ



କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇ ଓ ଅନ୍ୟମାନେ।

ରଘୁନାଥପୁର, ୨୯।୫ (ରାଜେନ୍ଦ୍ର ନାରାୟଣ ସିଂହ)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଶେଷ ହେବାକୁ ଦିନଟିଏ ବାକି ଅଛି। ଏହି ପରିପ୍ରେକ୍ଷୀରେ ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ଓ ଏରଡଙ୍ଗା ପଞ୍ଚାୟତରେ ବିଜେଡି ପକ୍ଷରୁ ପ୍ରଚାରକୁ ଶାଣିତ କରାଯାଇଛି। ୨ଟି ପଞ୍ଚାୟତରେ ବାଇକ୍ ରାଲି ସହ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିର୍ତ୍ତୋଲ ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀ ଡ. ରମାକାନ୍ତ ଭୋଇ ଯୋଗଦେଇ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ଏଥିସହ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ଅନୁରୋଧ କରିଥିଲେ। ବିକାଶ ପୁରୁଷ

**୨ ପଞ୍ଚାୟତରେ ବିଜେଡିର ବାଇକ୍ ରାଲି, କର୍ମୀ ସମ୍ମିଳନୀ**

ନବୀନବାବୁଙ୍କ କାର୍ଯ୍ୟଧାରାରେ ବିରୋଧୀ ଦଳ ଆଶ୍ଚର୍ଯ୍ୟ ଚକିତ ହୋଇ ଯାଇଛନ୍ତି। ସମାଲୋଚନା ପାଇଁ ସେମାନଙ୍କ ପାଖରେ କୌଣସି ମୁଦା ନାହିଁ। ଏଣୁତେଣୁ କଥା କହି ସର୍ବଦା ରାଜ୍ୟର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନଙ୍କୁ ଟାର୍ଗେଟ କରୁଥିବା ଉଭୟ ବିରୋଧୀ ଦଳକୁ ଲୋକେ ଜୁନ ୧ରେ ଉଚିତ ଜବାବ ଦେବେ ବୋଲି ବିଧାୟକ ପ୍ରାର୍ଥୀ ଡ. ଭୋଇ ସଭାସ୍ଥଳରେ ପ୍ରକାଶ କରିଥିଲେ। ଦିନେକାଳେ ଲୋକଙ୍କ ଦୁଃଖସୁଖରେ ଆସି ଠିଆ ହୋଇ ନ ଥିବା ବ୍ୟକ୍ତିଙ୍କୁ ଆଦୌ ସୁଯୋଗ ନ ଦେବା ପାଇଁ ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ ଆହ୍ୱାନ କରିଥିଲେ। ସେହିପରି ଜିଲା ସମ୍ପାଦକ ରଜତ ପାତ୍ର ଉଭୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିବା ପାଇଁ ପ୍ରକାଶ କରିଥିଲେ। ବିଦ୍ୟାଧରପୁରରେ ଯୁବନେତା ରହିମ ଖାଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ଲକ ପର୍ଯ୍ୟବେକ୍ଷକ ଦୁର୍ଗା ସାମନ୍ତରାୟ, ସ୍ଥାନୀୟ ସରପଞ୍ଚ ସାହେଦା ତବସୁମ, ସମିତି ସଭ୍ୟା ସାଗରିକା ତରେଇ, ପ୍ରକାଶ ମଲ୍ଲିକ, ଅଜୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏରଡଙ୍ଗ ପଞ୍ଚାୟତରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ଓ ସରପଞ୍ଚ ଧର୍ମାନନ୍ଦ ସେଠୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟ ସ୍ଥାନରେ ବ୍ଲକସ୍ତରୀୟ କର୍ମକର୍ତ୍ତା, ଯୁବଛାତ୍ର ଓ ମହିଳାପୁରୁଷ ଉପସ୍ଥିତ ଥିଲେ।

# ପ୍ରମୁଖ ୩ ଦଳ ପାଇଁ ସଂଘର୍ଷ, ସ୍ୱାଭିମାନ, ସମ୍ମାନ

ପାରାଦୀପ, ୨୯।୫ (ଶରତ ରାଉତ)


ସମ୍ପଦ ସ୍ୱାଇଁ


ଗୀତାଞ୍ଜଳି ରାଉତରାୟ


ନିରଞ୍ଜନ ନାୟକ

- ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ
- ଶେଷ ପର୍ଯ୍ୟାୟ ମତଦାନ ପାଇଁ ଆଉ ଗୋଟିଏ ଦିନ ପ୍ରଚାର

୨୦୨୪ ସାଧାରଣ ନିର୍ବାଚନର ଶେଷ ପର୍ଯ୍ୟାୟ ମତଦାନ ଆସନ୍ତା ଜୁନ୍ ୧ରେ ହେବ। ଏଥିପାଇଁ ଚାଲିଥିବା ପ୍ରଚାର କାର୍ଯ୍ୟକ୍ରମ ଗୁରୁବାର ସନ୍ଧ୍ୟାରେ ଶେଷ ହେବ। ଏହା ପରେ ୨ ଦିନ ଗୁପ୍ତ ରଣନୀତି, ଅନ୍ଧାରୀ ବିଜେ, ଛକାପଞ୍ଝା ଆଦି ଲାଗିରହିବ। ରାଜ୍ୟର ଅନ୍ୟତମ ପ୍ରମୁଖ ଆସନ ପାରାଦୀପ ନିର୍ବାଚନମଣ୍ଡଳୀ ଏଥର ଜଣେ ନୂଆ ବିଧାୟକ ପାଇବେ। କାରଣ ଯେଉଁମାନେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ସେମାନେ କେହି ପୂର୍ବରୁ ବିଧାୟକ ହୋଇନାହାନ୍ତି। ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଏବେ ଯଦିଓ ୭ ଜଣ ପ୍ରାର୍ଥୀ ଅଛନ୍ତି କିନ୍ତୁ ପ୍ରମୁଖ ଲଢ଼େଇ ହେଉଛି ୩ ଦଳ ମଧ୍ୟରେ। ଜାତୀୟ ଦଳ କଂଗ୍ରେସ ଓ ଭାଜପା ସାଙ୍ଗରେ ଆଞ୍ଚଳିକ ଦଳ ବିଜେଡି ରହିଛି। ଏହି ୩ ଦଳର ପ୍ରାର୍ଥିନୀ/ପ୍ରାର୍ଥୀ ଏବେ ସଂଘର୍ଷ, ସମ୍ମାନ ଓ ସ୍ୱାଭିମାନ ପାଇଁ ଲଢୁଛନ୍ତି ବୋଲି ଆଲୋଚନା ହେଉଛି। ଯାହାକୁ ପାରାଦୀପ ନିର୍ବାଚନମଣ୍ଡଳୀର ୨, ୨୦,୩୯୩ ମତଦାତା ଆସନ୍ତା ଜୁନ୍ ୧ରେ ଚୟନ କରିବେ। ଏହି ମତଦାତାଙ୍କ ମଧ୍ୟରେ ମହିଳା ସଂଖ୍ୟା ୧ ଲକ୍ଷ ୪,୮୫୪, ପୁରୁଷ ୧ଲକ୍ଷ୧୫, ୫୦୦ ଓ ଅନ୍ୟ ୩୯ ଜଣ ଅଛନ୍ତି। ପ୍ରତିଦ୍ୱନ୍ଦ୍ୱିତାରେ ଥିବା ପ୍ରାର୍ଥୀ ହେଲେ ବିଜେଡିର ଗୀତାଞ୍ଜଳି ରାଉତରାୟ, ଭାଜପାର ସମ୍ପଦ ସ୍ୱାଇଁ, କଂଗ୍ରେସର ନିରଞ୍ଜନ ନାୟକ, ବିଏସ୍‌ପି ସୁଜାତା ମଲ୍ଲିକ, ସିପିଆଇ ଚିନ୍ମୟୀ ସାହାଣୀ, ସ୍ୱାଧୀନ ଅନୋଜ ରାଉତ ଓ କୃପାସିନ୍ଧୁ ଦାସ।

ପ୍ରଚାର ଶୈଳୀ ଓ ପାରିପାର୍ଶ୍ୱିକ ସ୍ଥିତିରୁ ଜଣାଯାଏ ଏଥର ତ୍ରିମୁଖୀ ଲଢେଇ ହେଉଛି। ଏଥିରେ ବିଜେଡି ପ୍ରାର୍ଥିନୀ ଗୀତାଞ୍ଜଳିଙ୍କ ପାଇଁ ସ୍ୱାଭିମାନ କଥା ରହିଛି ବୋଲି ଜଣାପଡିଛି। କାରଣ ଗୀତାଞ୍ଜଳି ହେଲେ ବର୍ତ୍ତମାନ ବିଧାୟକ ସମ୍ବିତ ରାଉତରାୟଙ୍କ ସ୍ତ୍ରୀ ଓ ଦିବଂଗତ ନେତା ଦାମୋଦର ରାଉତଙ୍କ ବୋହୂ। ୨୦୦୯ରେ ପାରାଦୀପ ନିର୍ବାଚନମଣ୍ଡଳୀ ଘୋଷଣା ହେବା ପରଠାରୁ ଦାମବାବୁଙ୍କ ପରିବାର ପ୍ରତିନିଧିତ୍ୱ କରୁଛନ୍ତି। ଅନେକ ବାଦାନୁବାଦ ପରେ ବିଳମ୍ବରେ ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା। ବିଜେଡିରେ ଅନେକେ ଦାବିଦାରଙ୍କ ମଧ୍ୟରେ ଥିଲେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, କଂଗ୍ରେସରୁ ଆସି ଦଳରେ ମିଶିଥିବା ବାପି ସର୍ଖେଲ ଓ ଅନ୍ୟମାନେ। ଏବେ ସର୍ଖେଲ, ବିଶ୍ୱାଳ ଓ ସମ୍ବିତଙ୍କ ପାଇଁ ଜିତିବା ହାରିବା ବାଜିରେ ଲାଗିଛି। ଗୀତାଞ୍ଜଳି ଜିତିଲେ ସମସ୍ତଙ୍କର ସ୍ୱାଭିମାନ ରହିବ, ଅନ୍ୟଥା ବଦନାମ ହେବା ସେମାନଙ୍କ ପାଇଁ କଷ୍ଟକର ହେବ ବୋଲି କୁହାଯାଉଛି। ସେହିପରି ଭାଜପା ପ୍ରାର୍ଥୀ ସମ୍ପଦଙ୍କ ପାଇଁ ସମ୍ମାନର ପ୍ରସଙ୍ଗ। କାରଣ ୨୦୧୯ ନିର୍ବାଚନରେ ସେ ପ୍ରାର୍ଥୀ ହୋଇ ୩୬ ହଜାର ଭୋଟ ପାଇଥିଲେ। ୫ ବର୍ଷ ହେଲା ଦଳୀୟ ସଙ୍ଗଠନ ପାଇଁ କାମ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଜାତୀୟ ନେତାମାନେ ଆସି ତାଙ୍କ ପାଇଁ ପ୍ରଚାର କରିଛନ୍ତି, ପରିବର୍ତ୍ତନର ଲହର ମଧ୍ୟ ରହିଛି। ବିଜେଡିର ଅସନ୍ତୁଷ୍ଟ କର୍ମୀମାନେ ତାଙ୍କ ସହ ମିଶି ପ୍ରଚାର କରୁଛନ୍ତି। ଯାହା ତାଙ୍କ ପାଇଁ ସମ୍ମାନର ପ୍ରସଙ୍ଗ ପାଲଟିଛି।

ସେହିପରି କଂଗ୍ରେସର ନିରଞ୍ଜନଙ୍କ ପାଇଁ ଅନେକ ସଂଘର୍ଷ କରିବାକୁ ପଡୁଛି। କାରଣ ସେ ମାର୍ଚ୍ଚରେ କେତେକ ଜାଗାରେ ହୋର୍ଡିଂ ଲଗେଇ ପରିଚୟ ଆରମ୍ଭ କରିଥିଲେ। ଦଳୀୟ ପ୍ରାର୍ଥୀ ଭାବେ ତାଙ୍କ ନାମ ଘୋଷଣା ହେବା ପରେ ପ୍ରଚାର ଆରମ୍ଭ କରିଥିଲେ। ତାଙ୍କ ପାଇଁ ଅସୁବିଧା ଥିଲା ସେ ଲୋକଙ୍କୁ ଜାଣି ନ ଥିଲେ ଏବଂ ଲୋକେ ତାଙ୍କୁ ଚିହ୍ନି ନ ଥିଲେ। ସ୍ୱଳ୍ପ ସମୟ ମଧ୍ୟରେ ସେ ନିର୍ବାଚନମଣ୍ଡଳୀ ବୁଲି ସମବେଦନା ପରିଚୟ ସୃଷ୍ଟି କରିଛନ୍ତି। ଯୁବ ଚେହେରା ସାଙ୍ଗକୁ ଅମାୟିକ ବ୍ୟବହାର ଓ ଶୃଙ୍ଖଳିତ ପ୍ରଚାର ତାଙ୍କ ପାଇଁ ଭଲ ପ୍ରଭାବ ପକାଇ ପାରେ ବୋଲି ଆଲୋଚନା ହେଉଛି। କଂଗ୍ରେସର ପରିଚିତ ନେତା ବାପି ସର୍ଖେଲ ଅନ୍ୟ ଦଳକୁ ଯିବା ପରେ କଂଗ୍ରେସ କର୍ମୀଙ୍କୁ ଏକାଠି କରିବା ନିରଞ୍ଜନଙ୍କ ପାଇଁ ସଂଘର୍ଷ ଥିଲା। ଏପରି ସ୍ୱାଭିମାନ ସମ୍ମାନ ଓ ସଂଘର୍ଷ କରୁଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଭୋଟର କାହାକୁ ଚୟନ କରିବେ ତାହା ଆସନ୍ତା ଜୁନ୍ ୪ରେ ଜଣାପଡିବ।

# ହ୍ରାସପାଉଛି ଘଡ଼ିଆଳ କୁମ୍ଭୀରଙ୍କ ସଂଖ୍ୟା

■ବଂଶବୃଦ୍ଧିର ପ୍ରୟାସ କାମ କରୁନି
■ଏବେ ସାତକୋଶିଆ ଗଣ୍ଡରେ ଅଛନ୍ତି ୮ କୁମ୍ଭୀର

ନୟାଗଡ଼,୨୯।୫(ଲୋକନାଥ ମିଶ୍ର)



ମହାନଦୀର ସାତକୋଶିଆ ଗଣ୍ଡରେ ଘଡିଆଳ କୁମ୍ଭୀରଙ୍କ ବଂଶବୃଦ୍ଧି ଘଟୁନି। ୪୬ବର୍ଷ ଭିତରେ ପ୍ରାୟ ୮୮୦ ଘଡିଆଳ କୁମ୍ଭୀର ମହାନଦୀର ସାତକୋଶିଆ ଗଣ୍ଡ ଅଞ୍ଚଳରେ ଛଡାଯାଇଛି। ତେବେ ୨୦୨୩ କୁମ୍ଭୀର ଗଣନା ରିପୋର୍ଟ କହୁଛି ୮ଟି ଘଡିଆଳ କୁମ୍ଭୀର ଅଛନ୍ତି। ଘଡିଆଳ କୁମ୍ଭୀରର ବଂଶବୃଦ୍ଧି ପାଇଁ ବାରମ୍ବାର ପ୍ରୟାସ ସତ୍ତ୍ୱେ ସୁଫଳ ମିଳୁନାହିଁ। ମହାନଦୀର ଜଳରେ ଘଡିଆଳ କୁମ୍ଭୀର ଅନ୍ୟ ଅଞ୍ଚଳକୁ ଚାଲି ଯାଉଛନ୍ତି ନା ପରିବେଶ ସହ ଖାପ ଖୁଆଇ ଚଳି ନ ପାରି ପ୍ରାଣ ହରାଉଛନ୍ତି ତାହା ତଦନ୍ତସାପେକ୍ଷ। ତେବେ ଘଡିଆଳ କୁମ୍ଭୀରଙ୍କ ସଂଖ୍ୟା ହ୍ରାସ ପାଇବା ନିଶ୍ଚିତ ପରିବେଶ ପାଇଁ ଚିନ୍ତାର କାରଣ।

ସାତକୋଶିଆ ଅଭୟାରଣ୍ୟ ଅନୁଗୋଳ, ବୌଦ୍ଧ ଓ ନୟାଗଡ ଜିଲାକୁ ଲାଗି ରହିଛି। ବାଘ ଓ କୁମ୍ଭୀରର ସୁରକ୍ଷା ପାଇଁ ଅନୁଗୋଳ, ବୌଦ୍ଧ ଓ ନୟାଗଡ଼ରେ ଅନୁଗୋଳ ଓ ନୟାଗଡ ବନ୍ୟପ୍ରାଣୀ ବନଖଣ୍ଡ ଗଠନ କରାଯାଇଛି। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ନୟାଗଡ଼ରେ ରହିଛି କୁସଙ୍ଗ ଓ ଛାମୁଣ୍ଡିଆ ବନାଞ୍ଚଳ। ଏଭଳିସ୍ଥଳେ ୧୯୭୭ରେ ସାତକୋଶିଆ ଗଣ୍ଡରେ ୨୬ ଘଡିଆଳ କୁମ୍ଭୀର ଛଡା ଯାଇଥିଲା। ପରେ ୧୯୭୮ରେ ୫୬, ୧୯୮୦ରେ ୨୫, ୧୯୮୨ରେ ୪୩, ୧୯୮୪ରେ ୩୨, ୧୯୮୫ରେ ୧୦୦, ୧୯୮୬ରେ ୧୨୪, ୧୯୮୭ରେ ୧୨୬, ୧୯୮୮ରେ ୧୮, ୧୯୮୯ରେ ୫୯, ୧୯୯୫ରେ ୭୮, ୧୯୯୬ରେ ୫୧, ୧୯୯୮ରେ ୧୦୫, ୨୦୦୪ରେ ୫, ୨୦୧୫ରେ ୪, ୨୦୧୬ରେ ୮, ୨୦୧୯ରେ ୫, ୨୦୨୦ରେ୨ଟି ଏପରି ମୋଟରେ ୮୬୭ଟି କୁମ୍ଭୀର ଛଡାଯାଇଛି। ଏହି ୮୬୭ ଘଡିଆଳ କୁମ୍ଭୀର ମଧ୍ୟରୁ ୧୯୮୬ରୁ ୨୦୧୪ ମଧ୍ୟରେ ୫୨୩ କୁମ୍ଭୀର ନନ୍ଦନକାନନରୁ ଅଣାଯାଇ ଛଡାଯାଇଛି। ନନ୍ଦନକାନନରୁ ୧୯୮୬ରେ ୩୫, ୧୯୮୭ରେ ୪ଥରରେ ୧୬୪, ୧୯୮୯ରେ ୬୨, ୧୯୯୩ରେ ୭୨, ୧୯୯୫ରେ ୧୦୦, ୧୯୯୮ ରେ ୬୫, ୨୦୦୧ରେ ୧୦, ୨୦୧୪ରେ ୧୫ ଘଡିଆଳ କୁମ୍ଭୀର ଆସିଛନ୍ତି। ତେବେ ଏଥିରୁ ୭ଟିର ମୃତ୍ୟୁ ହୋଇଥିଲା। ଅବଶିଷ୍ଟ କୁମ୍ଭୀର ଟିକରପଡା କୁମ୍ଭୀର ପ୍ରଜନନ କେନ୍ଦ୍ରରୁ ଛଡା ଯାଇଥିବା ଜଣାପଡିଛି। ଏଭଳିସ୍ଥଳେ କୁମ୍ଭୀର ସଂଖ୍ୟା ହ୍ରାସ ପାଇ ଚାଲିବା ଚିନ୍ତାର କାରଣ ପାଲଟିଛି। କୁମ୍ଭୀର ଗଣନା ରିପୋର୍ଟ କହୁଛି ୧୯୭୫-୭୬ରେ ୧୧, ୨୦୦୨-୦୩ରେ ୩, ୨୦୦୩-୦୪ରେ ୧, ୨୦୦୪-୦୫ରେ ୩, ୨୦୦୫-୦୬ରେ ୦୨, ୨୦୦୬-୦୭ରେ ୨, ୨୦୦୭-୦୮ରେ ୩, ୨୦୦୮-୦୯ରେ ୩, ୨୦୦୯-୧୦ରେ ୩, ୨୦୧୦-୧୧ରେ ୩, ୨୦୧୧-୧୨ରେ ୨, ୨୦୧୨-୧୩ରେ ୨, ୨୦୧୩-୧୪ରେ ୨, ୨୦୧୪-୧୫ରେ ୧, ୨୦୧୫-୧୬ରେ ୩, ୨୦୧୬-୧୭ରେ ୯, ୨୦୧୭-୧୮ରେ ୭, ୨୦୧୮-୧୯ରେ ୮ଟି ଘଡିଆଳ କୁମ୍ଭୀର ଥିଲେ। ଅନ୍ୟପକ୍ଷେ ୨୦୨୦ ରିପୋର୍ଟରେ ୩ଥିବାବେଳେ ପୁଣି ୨ଟି କୁମ୍ଭୀର ଛଡାଯିବା ପରେ ସଂଖ୍ୟା ୫ରେ ପହଞ୍ଚି ଥିଲା। ୨୦୨୧ ଗଣନାରେ ୬ଟି ଥିବାବେଳେ ୧୨ଟି ଘଡିଆଳ କୁମ୍ଭୀର ମହାନଦୀରେ ଛଡାଯାଇଥିଲା। ୨୦୨୩ ଗଣନାରେ ଘଡିଆଳ କୁମ୍ଭୀର ୮ ଥିବାବେଳେ ମଗର ୩୯ ରହିଥିବା ଜଣାପଡିଛି। ଅପରପକ୍ଷେ ୨୦୨୧ରେ ୨୫ଟି ଘଡିଆଳ କୁମ୍ଭୀର ସାତକୋଶିଆ ଗଣ୍ଡରେ ଅଣ୍ଡା ଦେଇ ଛୁଆ କରିଥିଲେ। ସେହିପରି ୨୦୨୨ରେ ୩୦ ଅଣ୍ଡା, ୨୦୨୩ରେ ୩୫ ଅଣ୍ଡା ଘଡିଆଳ କୁମ୍ଭୀର ଦେଇଥିଲେ। ଏମାନଙ୍କର ଛୁଆ ବି ହୋଇଥିଲା। ପରବର୍ତ୍ତୀ ସମୟରେ ଏମାନଙ୍କର ଖୋଜ ଖବର ମିଳୁନି। ଗତ ୨୫ ତାରିଖରେ ପୁଣି ୩୫ଟି ଛୁଆ ଜନ୍ମ ନେଇଛନ୍ତି। ଛୁଆମାନଙ୍କୁ ସୁରକ୍ଷା ଦିଆଚାଲିଛି।

**ବଂଶବୃଦ୍ଧି କରୁଛି ମଗର :** ସାତକୋଶିଆ ଗଣ୍ଡରେ ମଗର କୁମ୍ଭୀର ବଂଶବୃଦ୍ଧି କରି ଚାଲିଛି। ୨୦୧୯ ଗଣନାରେ ୫୦ ଥିବାବେଳେ ୨୦୨୦କୁ ସଂଖ୍ୟା ୫୨ରେ ପହଞ୍ଚି ଥିଲା। ତେବେ ୨୦୨୩ରେ ମଗରଙ୍କ ସଂଖ୍ୟା ୩୯ରେ ରହିଛି। ଏଠାରେ ଘଡିଆଳ କୁମ୍ଭୀର ସଂଖ୍ୟା କମି ଯାଉଥିବାବେଳେ ମଗର ସଂଖ୍ୟା ବଢ଼ି ଚାଲିଛି। କିନ୍ତୁ ୨୦୨୩ ଗଣନାରେ ମଗର ସଂଖ୍ୟା କମ୍ ରହିଛି। ଏନେଇ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ନୟାଗଡ଼ର ଡିଏଫ୍ଓ ଫାଲଗୁନି ସାରଥି ମଲିକ କୁହନ୍ତି, ଶାନ୍ତ କୁମ୍ଭୀର ହେଲେ ଘଡିଆଳ। ସେମାନଙ୍କ ଉପରେ ମଗରଙ୍କ ଆକ୍ରମଣ ବଢ଼ି ଚାଲିଛି। ତେବେ ଅଧିକାଂଶ ସମୟରେ ଘଡିଆଳ କୁମ୍ଭୀର ଛଡା ଯାଉଥିଲେ ମଧ ବଂଶବୃଦ୍ଧି ନ ଘଟି ହ୍ରାସ ପାଉଛି ବୋଲି କହିଛନ୍ତି।

ସେଲ୍ଫି କର୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବାବୁ



@ ଦିବ୍ୟକାନ୍ତ




@ ସ୍ୱାଧୀନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନଷ୍ଟ ହେଉଛି ଅଳିଆ ଉଠା ଟ୍ରଲି



ରାସ୍ତା କଡ଼ରେ ପଡ଼ିରହିଥିବା ଅଳିଆ ଉଠା ଟ୍ରଲି।

ଖଣ୍ଡପଡ଼ା,୨୯।୫
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ପରିମଳ ବ୍ୟବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି। ଗଳିକନ୍ଦିରେ ମାସ ମାସ ଧରି ଅଳିଆ, ଆବର୍ଜନା ପଡି ରହୁଥିବା ବେଳେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ସହରବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଅସରାଏ ବର୍ଷା ହେଲେ ସହରର ଗଳିକନ୍ଦି ରାସ୍ତା ଆବର୍ଜନା ପାଣିରେ ବୁଡି ଯାଉଥିବା ବେଳେ ମୁଖ୍ୟ ରାସ୍ତା ଉପରେ ନାଳ ପାଣିର ସୁଅ ଛୁଟୁଛି। ସହରର ବିଭିନ୍ନ ସ୍ଥାନରେ ଅଳିଆ ଉଠାଇବା ନିମନ୍ତେ ସଫେଇ କର୍ମଚାରୀମାନଙ୍କୁ ଟ୍ରଲି ଗାଡି ପ୍ରଦାନ କରାଯାଇଥିଲା। ଏକଦା ସଫେଇ କର୍ମଚାରୀମାନେ ଟ୍ରଲି ଗାଡ଼ିରେ ଅଳିଆ ଉଠାଉଥିଲେ। ମାତ୍ର ଏବେ ସମୟ ବଦଳିଯାଇଛି। ଖଣ୍ଡପଡା ଏନଏସି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ପିକ୍ଅପ୍ ଭ୍ୟାନ ଯୋଗେ ସଫେଇ କର୍ମଚାରୀମାନେ ଅଳିଆ ଆବର୍ଜନା ଉଠାଇବା ପରେ ଏବେ ଟ୍ରଲି ଗାଡ଼ିଗୁଡିକ ଏଣେତେଣେ ପଡି ନଷ୍ଟ ହେଉଛି। ସରକାରକା ମାଲ ଦରିଆମେ ଡାଲ୍ ନ୍ୟାୟରେ ସହରର ବିଭିନ୍ନ ସ୍ଥାନରେ ଶତାଧିକ ଟ୍ରଲି ଗାଡ଼ି ପଡି ରହିଥିଲେ ବି ଏଥିପ୍ରତି ଏନଏସି କର୍ତ୍ତୃପକ୍ଷ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେହିପରି ଖଣ୍ଡପଡ଼ା ଏନଏସି ଅଧୀନ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ବିଭିନ୍ନ ପୁରୁଣା ଗାଡ଼ିର ଯନ୍ତ୍ରପାତି, ମୂଲ୍ୟବାନ ସାମଗ୍ରୀ ପଡି ନଷ୍ଟ ହେଉଛି। ଠିକଣା ସମୟରେ ଯଦି ଅବ୍ୟବହୃତ ସାମଗ୍ରୀଗୁଡିକ ନିଲାମ କରାଯାଇପାରନ୍ତା ତେବେ ଏନଏସି ବହୁ ରାଜସ୍ୱ ପାଇ ପାରିବ। ତେଣୁ ଅବ୍ୟବହୃତ ଅବସ୍ଥାରେ ପଡିରହିଥିବା ସାମଗ୍ରୀଗୁଡିକ ନଷ୍ଟ ହେବା ପୂର୍ବରୁ ସେଗୁଡିକ ଉଚିତ ମୂଲ୍ୟରେ ନିଲାମ କରିବା ନିମନ୍ତେ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବସ୍ ଷ୍ଟପ୍ ଶେଡ୍ ନିର୍ମାଣରେ ବିଳମ୍ବ

ଖଣ୍ଡପଡ଼ା,୨୯।୫
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ଲକ୍ଷ୍ମୀବସ ଷ୍ଟପ୍ ଶେଡ୍ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଫଳରେ ଲକ୍ଷ୍ମୀ ବସ୍ ସେବା ପାଇବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃୟାରୀ ୧୬ରେ ନୟାଗଡ଼ ଜିଲା ସହ ଖଣ୍ଡପଡ଼ା ବ୍ଲକରେ ଲକ୍ଷ୍ମୀବସ ସେବା ଆରମ୍ଭ ହୋଇଥିଲା। ଉପାନ୍ତ ଅଞ୍ଚଳକୁ ଗମନାଗମନ କ୍ଷେତ୍ରରେ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରୟାସ କରାଯାଇଥିଲା। ତେବେ ଖଣ୍ଡପଡ଼ା ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଲକ୍ଷ୍ମୀ ବସ୍ ସେବା ମିଳୁଥିଲେ ମଧ ବସଷ୍ଟପ୍ ଶେଡ୍ ନିର୍ମାଣ ସରୁ ନ ଥିବାରୁ ନାନା ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ। ନିୟମ ଅନୁଯାୟୀ ପ୍ରତି ପଞ୍ଚାୟତରେ ଏପରି କି ନିର୍ଦ୍ଦିଷ୍ଟ ଗ୍ରାମରେ ବସଷ୍ଟପ୍ରେ ଲକ୍ଷ୍ମୀବସ ପହଞ୍ଚିବା ପରେ ସେଠାରୁ ଲୋକେ ନିଜ ଗନ୍ତବ୍ୟ ସ୍ଥଳକୁ ବାହାରିଥାଆନ୍ତି। ମାତ୍ର ଦୁଇ ମାସ ହେବ ପ୍ରଚଣ୍ଡ ଖରାରେ ଠିଆ ହୋଇ ଲୋକମାନେ ବସ୍କୁ ଅପେକ୍ଷା କରୁଛନ୍ତି। କେହି କେହି ବସ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଖରା ବର୍ଷା ଶୀତକୁ ନଜରରେ ରଖି ଏକାଧିକ ସ୍ଥାନରେ ବସ୍ଷ୍ଟପ୍ ଶେଡ୍ ନିର୍ମାଣ କରାଯାଉଛି। ହେଲେ ସେହି କାମ ଶେଷ ହେଉନାହିଁ। ଫଳରେ ବ୍ଲକ୍ ଅଧୀନ ରୟତଢୋଲମରା, ବଳଭଦ୍ରପ୍ରସାଦ, ଜଗନ୍ନାଥ ପ୍ରସାଦ, ସିଂଘପଡା ଭଳି ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତରେ ଆଜି ଯାଏ ତାହା ଅଧାପନ୍ତରିଆ ଭାବେ ପଡିରହିଛି। ଆଉ ଅଳ୍ପ ଦିନ ପରେ ବର୍ଷାଋତୁ ଆରମ୍ଭ ହେବ। ପ୍ରଚଣ୍ଡ ଖରାରେ କଷ୍ଟ ପାଇଥିବା ଯାତ୍ରୀମାନେ ବର୍ଷାରେ ଭିଜିବେ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ଅଧପନ୍ତରିଆ ଅବସ୍ଥାରେ ବସ୍ ଷ୍ଟପ୍ ଶେଡ୍।

# ପୁଣି ଝଡ଼ ତୋଫାନ, ୨ଦିନ ହେଲା ଦଶପଲ୍ଲା ଅନ୍ଧାର

ଦଶପଲ୍ଲା,୨୯।୫(ପ୍ରକାଶ କୁମାର ପାଣି)

ବୁଧବାର ପୁଣି ଦଶପଲ୍ଲାରେ ଝଡ, ତୋଫାନ ଓ ବର୍ଷା ହୋଇଥିଲା। ଅପରାହ୍ନ ସାଢ଼େ ୫ଟା ସମୟରେ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ବିଶେଷ କ୍ଷୟକ୍ଷତି ହୋଇନାହିଁ। ମଙ୍ଗଳବାର ଝଡ ତୋଫାନରେ ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ଅଞ୍ଚଳ ହୋଇପଡିଛି । ଫଳରେ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଛି । ବିଦ୍ୟୁତ୍ ବିଭାଗ ତରଫରୁ ମରାମତି କାର୍ଯ୍ୟ ଜାରି ରହିଛି । ବହୁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ସହ ତାର ଛିଣ୍ଡି ପଡିଛି । ପ୍ରଚଣ୍ଡ ଖରାରେ ବିଦ୍ୟୁତ୍ ବିନା ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଛନ୍ତି । ମରାମତି ପରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହେବ ବୋଲି ବିଭାଗ ତରଫରୁ କୁହାଯାଇଛି ।

# ଫେସ୍ବୁକ୍ରେ ଅପପ୍ରଚାରକୁ ନେଇ ଚିନ୍ତା

## ପୋଲିସର ଦ୍ୱାରସ୍ଥ ହେଲେ ପୂର୍ବତନ ବିଧାୟକ

ଖଣ୍ଡପଡ଼ା,୨୯।୫
(ଅଜୟ କୁମାର ମହାରଣା)



ଫେସ୍ବୁକ୍ରେ ଅପପ୍ରଚାର କରି ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂକୁ କେହି ଅସାମାଜିକ ବ୍ୟକ୍ତି ବଦନାମ କରିବାକୁ ପ୍ରୟାସ କରିଛନ୍ତି। ସିଦ୍ଧାର୍ଥ ଶେଖର ସିଂ ଫ୍ୟାନ କ୍ଲବ୍ ନାମରେ ଫେସ୍ବୁକ୍ରେ ଏକ ଆକାଉଣ୍ଟ ଖୋଲାଯାଇଛି। ଏହାଦ୍ୱାରା ସିଂଙ୍କ ମାନସମ୍ମାନ କ୍ଷୁଣ୍ଣ ହେବା ସହ ତାଙ୍କ ରାଜନୈତିକ କ୍ୟାରିୟର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେଣୁ ବେନିୟମ ଭାବେ ଫେସ୍ବୁକ୍ ଆକାଉଣ୍ଟ ଖୋଲିଥିବା ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନଷ୍ଠାନ ଗ୍ରହଣ କରିବା, ଫେସ୍ବୁକରୁ ଉକ୍ତ ବେନାମୀ ମେସେଜ ହଟାଇ ଦେବାକୁ ସିଂ ଦାବି କରିଛନ୍ତି। ଏ ସମ୍ପର୍କରେ ସେ ଖଣ୍ଡପଡ଼ା ଏସ୍ଡିପିଓ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ମଧ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

# ମାଟ୍ରିକ୍ ଏ-୧ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଶରଣକୁଳ,୨୯।୫(ଦୀପକ କର)

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଶରଣକୁଳ କେଏସ୍ବି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଏ-୧ ସହିତ ଶତ ପ୍ରତିଶତ ସଫଳତା ପାଇଛନ୍ତି। ଏହି ପରିପ୍ରେକ୍ଷୀରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସ୍କୁଲର ଏ-୧ ପାଇଥିବା ୨ ଛାତ୍ରୀ ସ୍ୱାଗତିକା ସାହୁ ୫୫୨ ନମ୍ବର ରଖି ଓଡ଼ଗାଁ ବ୍ଲକରେ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ପ୍ରିୟଙ୍କା ବସନ୍ତିଆ ୫୪୭ ନମ୍ବର ରଖି ଚତୁର୍ଥ ସ୍ଥାନରେ ରହିଛନ୍ତି। ବୁଧବାର ବିଦ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ସ୍କୁଲ ପରିଚାଳନା କମିଟି ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ଓ ଅଧ୍ୟକ୍ଷ ନୀଳମାଧବ ତ୍ରିପାଠୀଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଚିତ୍ତରଞ୍ଜନ ଦାଶ, ଶିକ୍ଷକ ରାଜେନ୍ଦ୍ର ତ୍ରିପାଠୀ, ବ୍ରଜ କିଶୋର ମିଶ୍ର, ସବିତା ସାହୁ, ଦିଲୀପ କୁମାର ମଣ୍ଡଳ, ଦୀନବନ୍ଧୁ ସାହୁ ପ୍ରମୁଖ ଯୋଗଦେଇ ଉଭୟ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପାଇଁ ଅଭିଭାବକ ମହଲରେ ଖୁସିର ଲହରି ଖେଳିଯାଇଛି। ଓଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଉଭୟ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




ସ୍କୁଲ ପରିଚାଳନା କମିଟି ଓ ଶିକ୍ଷୟିତ୍ରୀ,ଶିକ୍ଷକମାନେ ଉଭୟ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ନିର୍ବାଚନ ପରବର୍ତ୍ତୀ ସମୟରେ ଧରପଗଡ଼

ନୟାଗଡ଼,୨୯।୫
(ଲୋକନାଥ ମିଶ୍ର)

■ବିଭିନ୍ନ ସ୍ଥାନରେ ଆମ ପୋଲିସ ସମିତି ବୈଠକ
■ଲୋକଙ୍କୁ ଭେଟି ସୁବିଧା ଅସୁବିଧା ବୁଝୁଛନ୍ତି ଏସ୍ପି

ସାଧାରଣ ନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି। ଜୁନ୍ ୪ରେ ଭୋଟ ଗଣତି ହେବ। ନିର୍ବାଚନ ପରେ ଓ ଭୋଟ ଗଣତି ଓ ଭୋଟ ଗଣତି ପରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ନୟାଗଡ଼ ପୋଲିସ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ଜିଲା ପୋଲିସ ପକ୍ଷରୁ ଜିଲାର ବିଭିନ୍ନ ଥାନା ଓ ଫାଣ୍ଡି ପୋଲିସ ସହାୟତାରେ ଏମ୍ଭି ଚେକିଂ, ଧରପଗଡ଼କୁ ତ୍ୱରାନ୍ୱିତ କରାଯାଇଛି। ବିଭିନ୍ନ ଥାନା ଓ ଫାଣ୍ଡିରେ ଆମ ପୋଲିସ ସମିତି ବୈଠକ କରାଇ ଲୋକଙ୍କ ନିକଟତର ହେବାକୁ ପୋଲିସ ଉଦ୍ୟମ ଜାରି ରଖଛି। ନିଜେ ଏସ୍ପି ରାହୁଲ ଜୈନ ମଧ ଲୋକଙ୍କୁ ଭେଟି ନିର୍ବାଚନ ପୂର୍ବ ଓ ପରସ୍ଥିତି ସମ୍ପର୍କରେ ଆଲୋଚନା ଜାରି ରଖିଛନ୍ତି। ଏପରି କି ଶାନ୍ତି ବଜାୟ ରଖିବାକୁ ନିବେଦନ କରୁଛନ୍ତି।

ଗୋଡିପଡା ଫାଣ୍ଡିରେ ବୁଧବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ନୟାଗଡ଼ ଏସ୍ପି ରାହୁଲ ଜୈନଙ୍କ ଅଧ୍ୟକ୍ଷତାରେ ଏଠାରେ ଉପସ୍ଥିତ ରହି ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ଶାନ୍ତି ପ୍ରତିଷ୍ଠା କିପରି ବଜାୟ ରହିବ ସେ ନେଇ ଆଲୋଚନା କରିଥିଲେ। ଏଠାରେ ଗୋଡିପଡା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ଶରଣକୁଳ ଏସ୍ଡିପିଓ ସୁଧାକର ସାହୁ, ଶରଣକୁଳ ଥାନା ଆଇଆଇସି ପୁଷ୍ପଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଇଟାମାଟି ଥାନାର ଗୋଷ୍ଠୀ ସଂଘର୍ଷ ଘଟିଥିବା ଗାଁ ବଉଳସାହିରେ ଅନୁରୂପ ଭାବେ ଆମ ପୋଲିସ ସମିତି ବୈଠକ କରାଯାଇଛି। ଏଥିରେ ଅତିରିକ୍ତ ଏସ୍ପି ସୁବାସ ଚନ୍ଦ୍ର ପଣ୍ଡା, ନୟାଗଡ଼ ତହସିଲଦାର, ଇଟାମାଟି ଥାନା ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ରଣପୁର ଥାନାର ଦର୍ପନାରାୟଣପୁର ଫାଣ୍ଡି ପକ୍ଷରୁ ବଉଳି ଛକଠାରୁ ବିଭିନ୍ନ ସ୍ଥାନରେ ନୂଆ ଜଗନ୍ନାଥ ସଡ଼କ ଉପରେ ଯାଞ୍ଚ କରାଯାଇଛି। ଭାପୁର ବ୍ଲକ ଭଗବାନପୁର ଗାଁରେ ଫତେଗଡ଼ ଥାନା ଆଇଆଇସି, ଖଣ୍ଡପଡ଼ା ଏସ୍ଡିପିଓଙ୍କ ପକ୍ଷରୁ ଗାଁରେ ଶାନ୍ତି ବଜାୟ ରଖିବା ପାଇଁ ଲୋକଙ୍କ ସହ ଆଲୋଚନା କରାଯାଇଛି। ନିର୍ବାଚନ ସମୟରେ ଏହି ଗାଁରେ ଗଣ୍ଡଗୋଳ ହୋଇଥିଲା। ଦଶପଲ୍ଲା, ଚାନ୍ଦପୁର, ଶରଣକୁଳ, ଗଣିଆ ଥାନା ପକ୍ଷରୁ ଦୁଇ ଓ ଚାରି ଚକିଆ ଗାଡ଼ି ଧରପଗଡ କରାଯାଉଛି ।



ପୋଲିସ ପକ୍ଷରୁ ଏକ କାର୍ର ଡିକି ଖୋଲି ଯାଞ୍ଚ କରାଯାଉଛି।

